


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୦ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 May 2026
Vol.No. 36 ■ No.131 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ବିଶ୍ୱରେ ନୂଆ ଶକ୍ତି ଭାବେ ଉଭା ହେଉଛି ଚୀନ : ଆମେରିକା ପରେ ଚୀନ ଗସ୍ତରେ ରୁଷ ରାଷ୍ଟ୍ରପତି



ନୂଆଦିଲ୍ଲୀ,୧୯/୫ : ଚୀନ ଗସ୍ତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତୁରନ୍ତ ପରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂରେ ପହଞ୍ଚିଛନ୍ତି । ମେ ୧୯ ଏବଂ ୨୦ରେ ପୁଟିନ୍‌ଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଗସ୍ତ ୱାଶିଂଟନ୍ ଏବଂ ପଶ୍ଚିମ ଦେଶଗୁଡ଼ିକୁ ଏକ ସିଧାସଳଖ ବାର୍ତ୍ତା ଯେ, ଚାପ ସତ୍ତ୍ୱେ ସେମାନଙ୍କର ସହଭାଗିତା ଅକ୍ଷୁର୍ଣ୍ଣ ରହିଛି । କ୍ରେମଲିନ୍ ଏହା ମଧ୍ୟ ସ୍ପଷ୍ଟ କରିଛି, ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଗସ୍ତରୁ ସକାରାତ୍ମକ ଆଶା ଅଛି। ଉଭୟ ଦେଶ ଏବେ ସେମାନଙ୍କର ସୁବିଧାପ୍ରାପ୍ତ ସହଭାଗିତା କୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବୃହତ ସ୍ତରକୁ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଗତ କିଛି ବର୍ଷ ମଧ୍ୟରେ ପୁଟିନ ଏବଂ ସି ଜିନପିଙ୍ଗ ୪୦ ରୁ ଅଧିକ ଥର ସାକ୍ଷାତ କରିଛନ୍ତି । ୟୁକ୍ରେନ ଯୁଦ୍ଧ ଯୋଗୁଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଥିବା ବେଳେ ପୁଟିନଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି । ଚୀନ୍ ନିଜର କୂଟନୀତି ମାଧ୍ୟମରେ ପ୍ରତ୍ୟେକ ସୁଯୋଗରେ ପ୍ରଦର୍ଶନ କରିଛି ଯେ ଗ୍ଲୋବାଲ୍ ସାଉଥ୍‌ର ପ୍ରଭାବ ନିରନ୍ତର ବୃଦ୍ଧି ପାଉଛି । ଟ୍ରମ୍ପଙ୍କ ଗସ୍ତ ପରେ, ଚୀନ୍ ଦୃଷ୍ଟିକୋଣରେ ଯଥେଷ୍ଟ ଶକ୍ତିଶାଳୀ ଦେଖାଯାଇଛି , ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏକ ଦୃଢ଼ ପ୍ରତିରୋଧ ପ୍ରଦାନ କରୁଛି । ଚୀନ୍ ଏବେ ବିଶ୍ୱର ସର୍ବବୃହତ ମଧ୍ୟସ୍ଥି ଏବଂ ଏକ ନୂତନ ଶକ୍ତି କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିଛି ।

## ପଶ୍ଚିମବଙ୍ଗ ସରକାରଙ୍କ ବଡ଼ ନିଷ୍ପତ୍ତି : ଭୋଟର ତାଲିକାରେ ନାଁ ନଥିଲେ କରାଯିବ ଦେଶାନ୍ତର



ନୂଆଦିଲ୍ଲୀ,୧୯/୫ : ପଶ୍ଚିମବଙ୍ଗ ସରକାରଙ୍କ ବଡ଼ ନିଷ୍ପତ୍ତି, ଭୋଟର ତାଲିକାରେ ନାଁ ନଥିଲେ କରାଯିବ ଦେଶାନ୍ତର । ପଶ୍ଚିମବଙ୍ଗରୁ ବେଆଇନ ପ୍ରବାସୀଙ୍କୁ ବାହାର କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ପୂର୍ବରୁ ବେଆଇନ ଅନୁପ୍ରବେଶୀଙ୍କୁ ତଡ଼ିବା ପାଇଁ ବିଜେପି ପ୍ରତିଶ୍ରୁତି ଦେଇଥିଲା । ଏସମ୍ପର୍କରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇସାରିଛି । ଯେଉଁମାନଙ୍କର ଭୋଟର ତାଲିକାରେ ନାଁ ନାହିଁ, ସେମାନଙ୍କୁ ଖୁବ୍ ଶୀଘ୍ର ଦେଶାନ୍ତର କରାଯିବ । ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ପଶ୍ଚିମବଙ୍ଗ ସରକାର ଜନଗଣନା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପୂର୍ବର ତୃଣମୂଳ କଂଗ୍ରେସ ସରକାର ଏହାକୁ ଅଟକାଇ ଦେଇଥିଲେ । ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ପରେ ଗୋଟିଏ ଗୋଟିଏ ପରେ ନିଷ୍ପତ୍ତି ଗ୍ରହଣ କରୁଛନ୍ତି।

## ଋଷିକେଶରେ ଉଜ୍ଜୟିନୀ ଏକ୍ସପ୍ରେସର ତିନୋଟି କୋଚ୍ ଲାଇନଚ୍ୟୁତ

ନୂଆଦିଲ୍ଲୀ,୧୯/୫ : ଉତ୍ତରାଖଣ୍ଡର ଋଷିକେଶର ଯୋଗ ନଗରୀ ରେଳ ଷ୍ଟେସନ ନିକଟରେ ସୋମବାର ବିଳମ୍ବିତ ରାତିରେ ଉଜ୍ଜୟିନୀ ଏକ୍ସପ୍ରେସର ତିନୋଟି କୋଚ୍ ଲାଇନଚ୍ୟୁତ ହୋଇଛି। ଦୁର୍ଘଟଣା ଖାନ ଗ୍ରାମ ଅଞ୍ଚଳରେ ରାତି ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସୌଭାଗ୍ୟବଶତଃ, ଏଥିରେ କୌଣସି ଯାତ୍ରୀ ନଥିଲେ, ଯାହା ଫଳରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। କୁହାଯାଉଛି ଯେ ରେଲୱେ ୟାର୍ଡରେ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟରେ ଟ୍ରେନଟି ସ୍ଥାନାନ୍ତର କରାଯାଉଥିଲା ବୋଲି ସୂଚନା ମିଳିଛି। ଯାନ୍ତ୍ରିକ ତ୍ରୁଟି କିମ୍ବା ବ୍ରେକ୍ ଫେଲ୍ ହୋଇଥିବା ସନ୍ଦେହ କରାଯାଉଛି।ଏହି ଦୁର୍ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଏକ ଜୋରଦାର ବିସ୍ଫୋରଣ ପରି ଶବ୍ଦ ଶୁଣି ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଲେ। କିଛି ସମୟ ମଧ୍ୟରେ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଲେ।ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ, ଜିଆରପି ଏବଂ ଆରପିଏଫ ଦଳ ଦାୟିତ୍ୱ ଗ୍ରହଣ କଲେ ଏବଂ ଲୋକଙ୍କୁ ଟ୍ରାକରୁ ବାହାର କଲେ। ରେଳବାଇ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ବଡ଼ ପୋଲିସ ବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର ଉପକରଣ ଅପେକ୍ଷା କରିଥିଲା। ରେଳବାଇ ଅଧିକାରୀଙ୍କ ଅନୁଯାୟୀ, ମଙ୍ଗଳବାର ସକାଳ ୬:୧୫ ରେ ଟ୍ରେନଟି ଛାଡିଛି। ଏହା ଏପର୍ଯ୍ୟନ୍ତ ବାହାରି ନାହିଁ। ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଘଟଣାସ୍ଥଳରେ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ଭିଜିଲାନ୍ସ ଜାଲରେ ଆର ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ: ୨୭ ବର୍ଷର ସରକାରୀ ଚାକିରିରେ କିଣିଛନ୍ତି ୬୮ଟି ପ୍ଲଟ୍



ଭୁବନେଶ୍ୱର, ୧୯/୫ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୬୮ଟି ପ୍ଲଟ୍ ରହିଛି। ଏହି ପ୍ଲଟ୍‌ଗୁଡ଼ିକର ମୋଟ ଜାଗା ହେଉଛି ୬୫ ଏକର ୩୬୫ ଡିସିମିଲ। କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ କୋକସରା ସହିତ ନବରଙ୍ଗପୁର ସହରର ଉପକଣ୍ଠରେ ରହିଛି ତାଙ୍କର ଏହି ସବୁ ପ୍ଲଟ୍। ଏହା ସହିତ ତାଙ୍କର ୪ଟି ଦ୍ୱିମହଲା କୋଠା, ୨ଟି ଫାର୍ମ ହାଉସ ଓ ଗୋଟିଏ ମାର୍କେଟ୍ କଂପ୍ଲେକ୍ସ ରହିଛି। ଏହା ବ୍ୟତୀତ ସେ ୧୦ ଲକ୍ଷ ୭୨ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୧୯ ଲକ୍ଷ ୭୮ ହଜାର ଟଙ୍କାର ନଗଦ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଠାବ କରାଯାଇଛି। ସେହିଭଳି ତାଙ୍କର ଗୋଟିଏ ହୁଣ୍ଡାଇ କ୍ରେଟା କାର ଅଛି। ୪ଟି ଦ୍ୱିମହଲା କୋଠା ମଧ୍ୟରୁ ଦୁଇଟି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଣ୍ଟିରେ ରହିଛି। ସେଥିରୁ ଗୋଟିଏ ୨୬୨୫ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଥିବା ବେଳେ ଅନ୍ୟଟି ୧୩୦୦ ବର୍ଗଫୁଟ୍ ଅଞ୍ଚଳରେ ରହିଛି। ସେହିପରି କୋକସରାରର ମୋଟେର ଛକରେ ତାଙ୍କର ଗୋଟିଏ ଦ୍ୱିମହଲା କୋଠା ରହିଛି, ଯାହା ୪୨୨୮ ବର୍ଗଫୁଟ୍ ଜାଗାରେ ନିର୍ମିତ ହୋଇଛି। ଅନ୍ୟ କୋଠାଟି ଭବାନୀପାଟଣା ସହରର ଗୋସାଣିମୁଣ୍ଡାରେ ରହିଛି, ଯାହାକୁ ୫୨୨୫ ବର୍ଗଫୁଟ ଜାଗାରେ ନିର୍ମାଣ କରାଯାଇଛି। କୋକସରାରେ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କର ଏକ ମାର୍କେଟ କଂପ୍ଲେକ୍ସ ଅଛି। ଏହି ମାର୍କେଟ କଂପ୍ଲେକ୍ସରେ ୨୨୧୪ ବର୍ଗଫୁଟ ଅଞ୍ଚଳରେ ନିର୍ମାଣ ହୋଇଥିବା ବେଳେ ସେଥିରେ ୮ଟି କ୍ୟାବିନ୍ ଅଛି। ସେହିପରି ଭବାନୀପାଟଣା ସହର ନିକଟସ୍ଥ କିଟପଦରଠାରେ ତାଙ୍କର ୨ଟି ଫାର୍ମ ହାଉସ ରହିଛି। ଗୋଟିଏ ୯.୯୩ ଏକର ଓ ଅନ୍ୟଟି ୭ ଏକର ଜାଗାରେ ରହିଛି।

◆◆ପୃଷ୍ଠା ୭

## ଭୀଷଣ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜୀବନ: କଲବଲ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍



ଭୁବନେଶ୍ୱର, ୧୯/୫ (ନି.ପ୍ର): ଗ୍ରୀଷ୍ମପ୍ରବାହ ଯନ୍ତ୍ରଣାକୁ ଦୁଇଗୁଣ କରିଦେଉଛି ବିଦ୍ୟୁତକାଟ୍ । କୌଣସି ଆଗୁଆ ସୂଚନା ନଦେଇ ଘଣ୍ଟା ଘଣ୍ଟା ଧରି ବିଜୁଳି ଯାଉଛି । ପାଣି ବିନା ମାଛ ଭଳି ଲୋକେ ହାତ ବିଞ୍ଚଣା ଧରି ଛଟପଟ ହେଉଛନ୍ତି । ଗୋଟିଏ ପଟେ ସରକାରଙ୍କ ଚେତାବନୀ ଚୁଲିକୁ ଯାଇଛି, ଅନ୍ୟପଟେ ଜନଜୀବନ ତ୍ରାହି ତ୍ରାହି ଡାକୁଛି । ହେଲେ ନିଦକ ନିଦରେ ଶୋଇଛି ବିଦ୍ୟୁତ ବିଭାଗ ଓ ବିଦ୍ୟୁତ କଂପାନୀ । ଅଘୋଷିତ ବିଦ୍ୟୁତ କାଟ୍ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ହେଲେ ସତେ ଯେମିତି ଏହାକୁ ଫୁଃ କରି ଉଡ଼ାଇ ଦେଇଛି ବିଦ୍ୟୁତ ବିତରଣକାରୀ କଂପାନୀ । ହେଉନି କୌଣସି କାର୍ଯ୍ୟାନୁଷ୍ଠାନ । ଗରମ ଓ ଗୁଳୁଗୁଳି ଅସହ୍ୟ ହେଉଥିବା ବେଳେ, ବାହାରେ ବସି ବିଞ୍ଚଣା ବିଞ୍ଚିବା ଛଡ଼ା ଉପାୟ ନାହିଁ । କେନ୍ଦ୍ରାପଡ଼ା ଠାକୁରହାଟ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍‌ରେ ଅସ୍ତବ୍ୟସ୍ତ ଜନଜୀବନ ।

◆◆ପୃଷ୍ଠା ୭

## ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟଙ୍କ କଠୋର ରାୟ: ହିଂସ୍ର ହେଲେ ଦିଆଯିବ ମୃତ୍ୟୁଦଣ୍ଡ



ନୂଆଦିଲ୍ଲୀ,୧୯/୫ : ରାସ୍ତାଘାଟ ଓ ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରଙ୍କୁ ହଟାଇବା ପ୍ରସଙ୍ଗରେ ଏଭଳି ଐତିହାସିକ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଗତବର୍ଷ ନଭେମ୍ବର ମାସରେ ଦିଆଯାଇଥିବା ଆଦେଶକୁ ବଳବତ୍ତର ରଖିଛନ୍ତି ଅଦାଲତ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟା ଓ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ବା AWBI ଦ୍ୱାରା ଦାୟର ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି, ହସ୍ପିଟାଲ, ବସ୍ ଷ୍ଟାଣ୍ଡ, ସ୍କୁଲ, ରେଳ ଷ୍ଟେସନ ଏବଂ ବିମାନବନ୍ଦର ଭଳି ସାର୍ବଜନୀନ ସ୍ଥାନରୁ ତୁରନ୍ତ ବୁଲା କୁକୁରମାନଙ୍କୁ ହଟାଯାଇ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀରେ ରଖାଯିବ। ଟୀକାକରଣ କିମ୍ବା ବନ୍ଧ୍ୟାକରଣ ପରେ ମଧ୍ୟ ସେମାନଙ୍କୁ ସାର୍ବଜନୀନ ସ୍ଥାନକୁ ଫେରାଇ ଅଣାଯାଇପାରିବ ନାହିଁ। ନିର୍ଦ୍ଦେଶକୁ ଅବମାନନା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ରେବିଜ୍ ଓ ବିପଦଜନକ କୁକୁରଙ୍କ ବିରୋଧରେ ଅତିକଠୋର ହୋଇ ସୁପ୍ରିମକୋର୍ଟ କହିଛନ୍ତି, ହିଂସ୍ର କୁକୁରଙ୍କୁ ଦୟାପୂର୍ଣ୍ଣ ମୃତ୍ୟୁ ଦିଆଯାଇପାରିବ। ଅତ୍ୟଧିକ ଆକ୍ରମଣାତ୍ମକ ହେଲେ ଭେଟେରିନାରୀ ବିଶେଷଜ୍ଞଙ୍କ ମତାମତ

◆◆ପୃଷ୍ଠା ୭

## ଚାଷୀଙ୍କୁ ମିଳିବ ଆଇଡି କାର୍ଡ: ମାତ୍ର ୨ ମିନିଟ୍‌ରେ ମିଳିବ ଚାଷୀ ଋଣ

ଭୁବନେଶ୍ୱର, ୧୯/୫ (ନି.ପ୍ର): କିଏ ଅସଲି ଓ କିଏ ନକଲି ଚାଷୀ, ଆଉ ଖୋଜି ନାକେଦମ୍ ହେବେନି ସରକାର । ଏଣିକି ପ୍ରକୃତ ଚାଷୀଙ୍କୁ ମିଳିବ ଫାର୍ମର ଆଇଡି । ଏଥିରେ ଚାଷୀଙ୍କ ସଂପୂର୍ଣ୍ଣ ତଥ୍ୟ ରହିବ । ସରକାରୀ କର୍ମଚାରୀଙ୍କ ପରି ଏହି ଆଇଡି ଦ୍ୱାରା ୨ ମିନିଟ୍‌ରେ ଚାଷୀଙ୍କୁ ଋଣ ମିଳିପାରିବ । ସେପଟେ ରାଜ୍ୟରେ ଅଧିକ ଧାନ ଚାଷ ଉତ୍ପାଦନକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଣୁଛନ୍ତି କେନ୍ଦ୍ର ସରକାର। ଏଣିକି ଚାଷୀଙ୍କୁ ମିଳିବ ଫାର୍ମର ଆଇଡି । ଏଥିରେ ଚାଷୀଙ୍କ ସମ୍ପତ୍ତି, ପରିବାର ସଦସ୍ୟଙ୍କ ସଂଖ୍ୟା ରହିବ । ଏହା ଦ୍ୱାରା ଚାଷୀଙ୍କୁ ଦୁଇ ମିନିଟ୍‌ରେ ଋଣ ମଧ୍ୟ ମିଳିପାରିବ । ଭୁବନେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ କେନ୍ଦ୍ର କୃଷି ମନ୍ତ୍ରୀ ଯୁଦ୍ଧ ସ୍ଥିତିର ପ୍ରଭାବ ଓ ଅଭାବୀ ବର୍ଷାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଆଗକୁ ଅଭାବୀ ବର୍ଷା ଥିବାରୁ ଆଗୁଆ ପ୍ରସ୍ତୁତ ରହିବାକୁ ସବୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ । ଏଥିସହ ବଜାରରେ ମିଳୁଛି ନକଲି ପେଷ୍ଟିସାଇଡ୍ ମିଳୁଥିବାରୁ ସତର୍କ କରିଛନ୍ତି। ସାରର କଳାବଜାରୀ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି । ଇନ୍‌ପୁଟ୍ ସବ୍‌ସିଡି ୮ଶହ ଟଙ୍କା ଚାଷୀଙ୍କୁ କ୍ଷେତକୁ ଓହ୍ଲାଇବା ପାଇଁ ଉତ୍ସାହିତ କରିଛି ।

## ଆଜି ବନ୍ଦ ରହିବ ରାଜ୍ୟର ସବୁ ଔଷଧ ଦୋକାନ: ମୁକାବିଲା ପାଇଁ ସରକାରଙ୍କ ୭ ସୂତ୍ରୀ ନିର୍ଦ୍ଦେଶ



ଭୁବନେଶ୍ୱର, ୧୯/୫ (ନି.ପ୍ର): ଅନଲାଇନ ମେଡିସିନ୍ ବିକ୍ରି ପ୍ରତିବାଦରେ ଆସନ୍ତାକାଲି ଓଡ଼ିଶା ସମେତ ସମଗ୍ର ଦେଶରେ ମେଡିସିନ୍ ଷ୍ଟୋରଗୁଡ଼ିକ ବନ୍ଦ ରହିବ। ଅଲଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ଉତ୍କଳ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ଆସୋସିଏସନ୍ ସମର୍ଥନ ଜଣାଇ ରାଜ୍ୟର ପ୍ରାୟ ୩୦ହଜାର ଔଷଧ ଦୋକାନକୁ ବନ୍ଦ ରଖିବାକୁ ଘୋଷଣା କରିଛି। ଏହି ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

◆◆ପୃଷ୍ଠା ୭

## ମୌସୁମୀ ପୂର୍ବରୁ ଡ୍ରେନ୍ ସଫେଇ କାର୍ଯ୍ୟର ସମୀକ୍ଷା କଲେ ମେୟର

ଭୁବନେଶ୍ୱର, ୧୯/୫ (ନି.ପ୍ର): ବର୍ଷା ଋତୁରେ ସୁଗମ ଜଳ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ପ୍ରାକ୍-ମୌସୁମୀ ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବରେ ବିଏମସି ମେୟର ସୁଲୋଚନା ଦାସ ମଙ୍ଗଳବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚାଲିଥିବା ଡ୍ରେନ୍ ସଫେଇ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ଥାନୀୟ କର୍ପୋରେଟର ଏବଂ ବିଏମସି ଅଧିକାରୀ ଏହି ସମୟରେ ଉପସ୍ଥିତ ଥିଲେ। ସେ କହିଛନ୍ତି ଯେ ସଫେଇ କାର୍ଯ୍ୟର ଅଗ୍ରଗତି ଯାଂଚ କରିଛୁ । ଏକ ସଫା, ସୁରକ୍ଷିତ ଏବଂ ସ୍ଥିର ଭୁବନେଶ୍ୱର ପାଇଁ ପ୍ରମୁଖ ଡ୍ରେନ୍ ଗୁଡ଼ିକର ପ୍ରଭାବଶାଳୀ ପରିଚାଳନା ପାଇଁ ଗୁଣବତ୍ତା, ଗତି ଏବଂ ଆବର୍ଜନାର ସଠିକ୍ ପରିଚାଳନା ବଜାୟ ରଖିବାକୁ ଅଧିକାରୀ ଏବଂ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ସାଧାରଣ ଲୋକଙ୍କୁ ପୁଣି ମହଙ୍ଗା ମାଡ଼: ୫ ଦିନରେ ଦ୍ୱିତୀୟ ଥର ବଢ଼ିଲା ତେଲ ଦର



ନୂଆଦିଲ୍ଲୀ,୧୯/୫ : ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା କ୍ରୁଡ୍ ଅଏଲ୍ ଦରରେ ଲାଗି ରହିଥିବା ଅସ୍ଥିରତା ଏବଂ ମଧ୍ୟ-ପ୍ରାଚ୍ୟରେ ବଢ଼ୁଥିବା ସାମରିକ ଉତ୍ତେଜନାର ସିଧାସଳଖ ପ୍ରଭାବ ଏବେ ଦେଶର ସାଧାରଣ ଖାଉଟିଙ୍କ ପକେଟ୍ ଉପରେ ପଡ଼ିବାକୁ ଆରମ୍ଭ କରିଛି । ମଙ୍ଗଳବାର ସକାଳୁ ଦେଶର ସରକାରୀ ତୈଳ କମ୍ପାନିଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ଦରରେ ଲିଟର ପିଛା ପ୍ରାୟ ୯୦ ପଇସା ବୃଦ୍ଧି କରିଛନ୍ତି । ସାଧାରଣ ଜନତାଙ୍କ ପାଇଁ ଏହା ଏକ ଦ୍ୱିତୀୟ ବଡ଼ ଝଟ୍‌କା କାରଣ ଗତ ଶୁକ୍ରବାର ୧୫ ମଇ ଦିନ ହିଁ ତୈଳ କମ୍ପାନିଗୁଡ଼ିକ ପ୍ରାୟ ୩ ଟଙ୍କା ତେଲ ରେଟ୍ ବଢ଼ାଇଥିଲେ । ଅର୍ଥାତ୍ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଇନ୍ଧନ ଦରରେ ଏହା ଦ୍ୱିତୀୟ ବଡ଼ ଝଟ୍‌କା। ବଜାର ବିଶ୍ଳେଷକଙ୍କ କହିବା ଅନୁଯାୟୀ, ଏହି ସାମ୍ପ୍ରତିକ ମୂଲ୍ୟ ବୃଦ୍ଧି ହେଉଛି ବିଶ୍ୱସ୍ତରରେ ଜାରି ରହିଥିବା ରଣନୀତିକ ଏବଂ ସାମରିକ ସଙ୍କଟର ସିଧାସଳଖ ପରିଣାମ। ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ତିକ୍ତତା ଏବଂ 'ହର୍ମୁଜ ପ୍ରଣାଳୀ' ମାର୍ଗରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ଦର ବ୍ୟାରେଲ ପିଛା ୧୦୦ ଡଲାର ପାର୍ କରିଛି । ଯେଉଁ କାରଣରୁ ଭାରତୀୟ ରିଫାଇନିଂ କମ୍ପାନିଗୁଡ଼ିକୁ ପ୍ରତିଦିନ ପ୍ରବଳ ଆର୍ଥିକ କ୍ଷତି ସହିବାକୁ ପଡୁଥିଲା।

◆◆ପୃଷ୍ଠା ୭

# ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ମାଲକାନଗିରି , ୧୯/୦୫ (ନି.ପ୍ର): ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା କମାଇବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଡୋଳାମଣି ପ୍ରଧାନ ଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ସିଧାସଳଖ ଜନସାଧାରଣଙ୍କ ସହ ଯୋଡ଼ି ହୋଇଥିଲେ। ସେମାନେ ଲୋକଙ୍କ ବିଭିନ୍ନ ଗୁରୁତର ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେ ଗ୍ରହଣ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଂଚଳରୁ ସମୁଦାୟ ୨୮ ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୦୧ ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୭ ଟି ଗ୍ରାମ୍ୟ ଭିତ୍ତିଭୂମି ଓ ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗ ଶୁଣାଣି ସହ ଜିଲ୍ଲାପାଳ ସେଠାରେ ସରକାରୀ ସହାୟତା ଦାନ ପାଇଁ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ କ୍ୟାମ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସେ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଂଟନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସେମାନଙ୍କ ସୁବିଧା-ଅସୁବିଧା ବାବଦରେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ ବି.ଏଲ.ପୁର ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତ୍ତିଭୂମି, ଶିଶୁମାନଙ୍କ ପାଇଁ ଥିବା ଖାଦ୍ୟପେୟ ଓ ସେବାର ସମୀକ୍ଷା କରିଥିଲେ। ବି.ଏଲ.ପୁର ସହିତ ଜିଲ୍ଲାର ଅନ୍ୟ ୬ଟି ପ୍ରମୁଖ ଗ୍ରାମ ପଂଚାୟତ ଯଥା ପଡିଆ, କୋରୁକୋଣ୍ଡା ବ୍ଲକ ର ସୋମନାଥପୁର, ଖଇରପୁଟ ବ୍ଲକର କଦମଗୁଡା, ଚିତ୍ରକୋଣ୍ଡା ବ୍ଲକର ବଡଦର, ମାଥିଲି ବ୍ଲକର କତାପାଲ୍ଲୀ ଏବଂ କାଲିମେଳା ବ୍ଲକର ଗମ୍ପାକୋଣ୍ଡାରେ ମଧ୍ୟ ସମାନ୍ତରାଳ ଭାବେ ପଂଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ ପଂଚାୟତରେ ବ୍ଲକ ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟାକୁ ନିକଟରୁ ବୁଝିବା ସହ ତୁରନ୍ତ ସମାଧାନ ପାଇଁ କାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ନିଜ ବାର୍ତ୍ତାରେ କହିଛନ୍ତି ଯେ, ସରକାରୀ ଯୋଜନାର ସୁଫଳ ଯେପରି ପ୍ରତିଟି ଗ୍ରାମାଂଚଳର ଶେଷ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଂଚିବ, ତାହା ଆମର ମୂଳ ଲକ୍ଷ୍ୟ। ପ୍ରଶାସନ ସବୁବେଳେ ଲୋକଙ୍କ ସେବାରେ ପ୍ରସ୍ତୁତ ଏବଂ ସାମୂହିକ ସମସ୍ୟା ଗୁଡ଼ିକର ସମୟସୀମା ମଧ୍ୟରେ ସ୍ଥାୟୀ ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

## ମୁଳାସର କେନାଲରୁ ବ୍ୟକ୍ତିଙ୍କ ଶବ ଉଦ୍ଧାର

ଜୟପୁର, ୧୯/୦୫ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ମୁଳାସର କେନାଲରୁ ଜଣେ ବ୍ୟକ୍ତି ଶବ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଟି. ସୁରେନ୍ଦ୍ର। କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଜୟପୁର ସଦର ପୋଲିସ ଓ ଅଗ୍ନିଶମ ବିଭାଗକୁ ସୁଚନା ଦେଇଥିଲେ। ସୁଚନା ଆଧାରରେ ଅଗ୍ନିଶମ ବିଭାଗ ଓ ପୋଲିସ ପହଂଚିଥିଲେ। ଅଗ୍ନିଶମ ବିଭାଗ ଶବ କୁ କେନାଲରୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସୁଚନା ଅନୁଯାଇ ଜୟପୁର ସହର ଢେପଗୁଡା ରେ ରହୁଥିବାଟି ସୁରେନ୍ଦ୍ର ରହୁଥିଲେ। ଗତ ୧୫ ତାରିଖ ଠାରୁ ସେ ନିଖୋଜ ଥିଲେ। ବହୁ ଖୋଜା ଖୋଜି କରିବା ପରେ କିଛି ସୂଚନା ନେଳିବାରୁ ଜୟପୁର ଟାଉନ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଆଜି ମୁଳାସୁର ବ୍ରିଜ ନିକଟରେ ଭାଷୁ ଥିବା ସୁଚନା ପାଇ ଥିବା ତାଙ୍କ ପରିବାର ସୁଚନା ପାଇବା ପରେ ଘଟଣା ସ୍ଥଳରେ ପହଂଚି ଚିହ୍ନଟ କରିଥିଲେ। ଏନେଇ ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ 'ନାରୀ ଅଧିକାର ଅଭିଯାନ'

ମାଲକାନଗିରି, ୧୯/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ ଆଜି ଚିତ୍ରକୋଣ୍ଡା ବଡ ପଦର ଗ୍ରାମ ରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଙ୍କ ନେତୃତ୍ୱ ତଥା ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଙ୍କ ତତ୍ତ୍ୱାବଧାନରେ ରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ଅପାରଗ ବିଜେପି ସରକାର ବିରୁଦ୍ଧରେ ବର୍ଷିଥିଲେ। ଆଜିର କାର୍ଯ୍ୟକ୍ରମ ରେ ୫୦ ରୁ ଊର୍ଦ୍ଧ୍ୱ ଅନ୍ୟ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ବିଜୁ ମହିଳା ଜନତା ଦଳର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ ଚିତ୍ରକୋଣ୍ଡା ତହସିଲଦାରଙ୍କ ଜରିଆରେ ଭାରତବର୍ଷର ମହାମହୀମ ରାଷ୍ଟ୍ରପତିଙ୍କୁ ପାର୍ଲାମେଂଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ମହିଳାମାନଙ୍କ ପ୍ରତି ବଢିଚାଲିଥିବା ନୃଶଂସ ନିର୍ଯାତନାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ସମ୍ବନ୍ଧେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଗତ କିଛି ଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି। ପାର୍ଲାମେଂଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ବଡ ବଡ ଭାଷଣବାଜି ଚାଲିଛି। କିନ୍ତୁ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ୍ୟ ବଡ ପ୍ରଶ୍ନବାଚୀ ହୋଇ ରହିଛି। ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ। ପଂଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି। ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଂଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ମାନ୍ୟବର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ୍ୟ ଦେଇଥିଲେ। ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ। ମହିଳା ସଂରକ୍ଷଣ ବିଲ୍ ୨୦୨୩କୁ ପାର୍ଲାମେଂଟରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ୍ତ ସମର୍ଥନ କରିଥିଲା। ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ। ସୀମା ପୁନଃ ନିର୍ଦ୍ଧାରଣ ବିଲ୍କୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ୍ ନାଁରେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ କରିଥିଲେ। ଆମର ଦୃଢ ଦାବି ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରାଯାଉ। ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କୁ ଦିଆଯାଉ। ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରାନଯାଉ। ଓଡିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଗଲାଣି। କ୍ରମାଗତ ଭାବରେ ମହିଳା ହିଂସା, ଯୌନ ଉତ୍ପୀଡନ ବୃଦ୍ଧି ପାଇବାରେ ଲାଗିଛି। ଏନ୍ସିଆରବି ରିପୋର୍ଟ ଅନୁଯାୟୀ, ମହିଳା ଯୌନ ନିର୍ଯାତନା କ୍ଷେତ୍ରରେ ଓଡିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରତ୍ୟେକ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳାଙ୍କୁ ହତ୍ୟା ଭଳି ବର୍ବରୋଚିତ, ଅମାନୁଷିକ କାଣ୍ଡ ଘଟିଚାଲିଛି। ଶାନ୍ତି ପ୍ରିୟ ଓଡିଶା ଆଜି ସାରା ପୃଥିବୀରେ ଲଜ୍ଜିତ ଓ ନିନ୍ଦିତ ହୋଇଛି।

## କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନୂଆପଡ଼ା, ୧୯/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ ପ୍ରାନ୍ତୀୟ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶିବିରରେ ୫୦ ଗୋଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠିଗତ ମୋଟ ୫୯ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଜଣେ ଅସହାୟଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫ ହଜାର ଟଙ୍କା ତତ୍କାଳୀନ ସହାୟତା ପ୍ରଦାନ କରାଯାଇଥିଲା। ଡେପୁଟୀ ଜିଲ୍ଲାପାଳ ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା। ଏହି ଅବସରରେ ଜଟଗଡ ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଫୁଲବାଣୀରେ ତ୍ରୟୋଦଶ ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ

କନ୍ଧମାଳ , ୧୯/୦୫ (ନି.ପ୍ର): ନେବା ଅପେକ୍ଷା କିଛି ଅନ୍ୟକୁ ଦେବାରେ ଯେଉଁ ଆନନ୍ଦ ମିଳିଥାଏ ତାହାର ଅନ୍ତର୍ନିହିତ ଆନନ୍ଦ ଅତ୍ୟନ୍ତ ଖୁସି ଦେଇଥାଏ। ଏହାକୁ ସାକାର କରିବା ପାଇଁ ଏବଂ ଦେଶ ବିଦେଶରେ ପ୍ରତିଟି ଲୋକଙ୍କ ନିକଟରେ ଏହି ବାର୍ତ୍ତା କୁ ପହଂଚାଇବା ପାଇଁ ୨୦୧୩ ମସିହାରୁ ଏହି ଦିବସ ପାଳନ ହୋଇ ଆସୁଛି। ସମାଜସେବୀ ତଥା ଶିକ୍ଷାବିତ୍ ଡ. ଅଚ୍ୟୁତ୍ ସାମନ୍ତ ଏହି ମହାନ୍ ବିଚାରଧାରାକୁ ଆଧାର କରି ୨୦୧୩ ମସିହା ମେ ୧୭ ତାରିଖରେ ଆରମ୍ଭ କରିଥିଲେ ଏହି ଆର୍ଟ ଅଫ ଗିଭିଂ ର ଚିନ୍ତାଧାରା। ଆଉ ସେବେ ଠାରୁ ପ୍ରତିବର୍ଷ ଏହି ଦିବସ ସମଗ୍ର ଓଡ଼ିଶା ଏବଂ ଭାରତର ଅନେକ ସହର ସମେତ ଭାରତ ବାହାରେ ୧୯୦ ଗୋଟି ଦେଶରେ ଆନନ୍ଦ ଉଲ୍ଲାସର ସହ ଏହା ପାଳନ ହୋଇଛି। ଈଶ୍ୱର ଆମକୁ ଯାହା ଦେଇଛନ୍ତି ସେସବୁ କେବଳ ନିଜ ପାଖରେ ନରଖି ସମାଜର ସବୁ ବର୍ଗର ସବୁ ଶ୍ରେଣୀର ଲୋକଙ୍କ ନିକଟରେ ପହଂଚାଇବାର କଳା ହେଉଛି ଆର୍ଟ ଅଫ ଗିଭିଂ। ଚଳିତ ବର୍ଷ ଆର୍ଟ ଅଫ ଗିଭିଂ ର ଉଦ୍ଦେଶ୍ୟ ଥିଲା ସେଆର ଟୁ ସାଇନ୍ ଏହାର ଅର୍ଥ ଅନ୍ୟ ସହ ଖୁସି ବାଂଟିଲେ ନିଜର ମଧ୍ୟ ଉନ୍ନତି ହୋଇଥାଏ। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ନର୍ସିଂ କଲେଜ ସଦଭାବନା ସଭା ଗୃହରେ ତ୍ରୟୋଦଶ ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନର୍ସିଂ କଲେଜର ଟ୍ୟୁଟର ମିତାଞ୍ଜଳି ରଥ ଓ ନିବେଦିତା ପଟ୍ଟନାୟକ ଏବଂ ବରିଷ୍ଠ ଆଇନଜୀବୀ ବିଜୟ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାୟ ଦୁଇ ଶହ ନର୍ସିଂ କଲେଜ ଛାତ୍ର ଛାତ୍ରୀ ମାନେ ଆସି ରେଜିଷ୍ଟ୍ରେସନ କରି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସମସ୍ତଙ୍କୁ ଆର୍ଟ ଅଫ ଗିଭିଂ ର ଗୋଟିଏ ଗୋଟିଏ ଟି ସାର୍ଟ ଓ କଲମ ପ୍ରଦାନ କରିଥିଲେ କନ୍ଧମାଳ ଜିଲ୍ଲା କିସ ସଂଯୋଜକ ଭାଗିରଥୀ ସେଠି। ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆୟୋଜିତ ହେଉଥିବା ଏହିଭଳି ମହତ୍ କାର୍ଯ୍ୟକ୍ରମ ଦ୍ୱାରା କୋଣ ଅନୁକୋଣରେ ପ୍ରଶଂସନୀୟର ପାତ୍ର ହୋଇଛନ୍ତି। ଏହି ଭଳି ମହତ କାର୍ଯ୍ୟକ୍ରମ ଆୟୋଜନ କରୁଥିବାରୁ ଡ ସାମନ୍ତଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ସମସ୍ତ ଅତିଥି ଓ ଛାତ୍ର ଛାତ୍ରୀ ମାନେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କନ୍ଧମାଳ କିସ୍ ସଂଯୋଜକ ଭାଗିରଥୀ ସେଠୀ ଓ କଳିଙ୍ଗ ଟିଭି ପ୍ରତିନିଧି ଶିବ ବିଶ୍ୱାଳ।

# ଓଡ଼ିଶା ମେଟାଲିକ୍ସ ଆନ୍ଦୋଳନକୁ ନେଇ ତେଜିଲା ବିବାଦ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମରାକୁଟା ଗ୍ରାମବାସୀ

ଝାରସୁଗୁଡ଼ା, ୧୯/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଓଡ଼ିଶା ମେଟାଲିକ୍ସ କାରଖାନା ସମ୍ମୁଖରେ ଚାଲିଥିବା ଆନ୍ଦୋଳନକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ତାପମାତ୍ରା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମରାକୁଟା ଗ୍ରାମବାସୀ ଚାଲିଥିବା ଆନ୍ଦୋଳନକୁ ବିରୋଧ କରି ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏହି ଆନ୍ଦୋଳନ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ନୁହେଁ; ବରଂ କିଛି ନେତାଙ୍କ ବ୍ୟକ୍ତିଗତ ଓ ବ୍ୟବସାୟିକ ସ୍ୱାର୍ଥ ସାଧନ ପାଇଁ କରାଯାଉଛି। ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୬ ମସିହାରେ ଏମଏସପି ମେଟାଲିକ୍ସ କାରଖାନା ବନ୍ଦ ହେବା ସମୟରେ ସ୍ଥାନୀୟ ଲୋକ ଚିନ୍ତାରେ ଥିଲେ, କିନ୍ତୁ ବର୍ତ୍ତମାନ ଆନ୍ଦୋଳନର ନେତୃତ୍ୱ ନେଉଥିବା ଲୋକମାନେ ସେତେବେଳେ କେଉଁଠି ଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ସ୍ମାରକପତ୍ରରେ ଆହୁରି ଅଭିଯୋଗ କରାଯାଇଛି ଯେ, ପୂର୍ବରୁ ଗାଡ଼ି ଲୋଡିଂ ଓ ଅନଲୋଡିଂକୁ କେନ୍ଦ୍ର କରି ବଟି ଆଦାୟ ହେଉଥିଲା, ଯାହା ନିର୍ବାଚନ ପରେ ବନ୍ଦ ହୋଇଯାଇଛି। ବର୍ତ୍ତମାନ କିଛି ନେତା ନିଜ ସ୍ୱାର୍ଥ ପୂରଣ ପାଇଁ ସାଧାରଣ ଲୋକଙ୍କୁ ଆଗକୁ ରଖି ଆନ୍ଦୋଳନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ନିକଟରେ କିଛି ରାଜନୈତିକ ନେତା ଆନ୍ଦୋଳନ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇବା ପରେ ଅଞ୍ଚଳରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେଉଛି। ଏଥିସହ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ସାଧାରଣ ଲୋକଙ୍କ ଜୀବିକା ପ୍ରଭାବିତ ହେଉଥିବା ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଶାନ୍ତି ଓ ବିକାଶ ଦୃଷ୍ଟିରୁ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନ ନିକଟରେ କିଛି ଦାବି ଉଠାଇଛନ୍ତି। ସେଥିରେ କାରଖାନାରେ ସ୍ଥାନୀୟ ଯୁବକଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି, ପୁରୁଣା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ, ପାରିପାର୍ଶ୍ୱିକ ଉନ୍ନତି, ବୁଢ଼ୀପଦର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ପୁନଃନିର୍ମାଣ ଓ କାରଖାନାକୁ ଆସୁଥିବା ଶହ ଶହ ଗାଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ଦାବି ରହିଛି। ସେହିପରି ରାଜନୈତିକ ହସ୍ତକ୍ଷେପ ବନ୍ଦ କରି ସ୍ଥାନୀୟ ଲୋକଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଜୀବିକା ନିର୍ବାହ କରିବାକୁ ସୁଯୋଗ ଦେବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ମହେନ୍ଦ୍ର ଗୁରୁ, ତୋଫାନ କୁମାର ଭୋଇ, ଅମର ସାହୁ, ସଦାନନ୍ଦ ସାହୁଙ୍କ ସମେତ ମରାକୁଟା ଗ୍ରାମର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବାର ଦିବସୀୟ ବିଏଡ୍ କର୍ମଶାଳା ଉଦ୍‌ଘାଟିତ

ଜୟପୁର, ୧୯/୦୫ (ନି.ପ୍ର): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପରିସରରେ ବାର ଦିନିଆ ବିଏଡ୍ କର୍ମଶାଳା ବିଶ୍ୱବିଦ୍ୟାଳୟର ଇଗ୍ନୁ ସଂଯୋଜକ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ଼ ପ୍ରଶାନ୍ତ କୁମାର ପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ତଥା ଇଗ୍ନୁ ବିଏଡ୍ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାର ଉଦଘାଟନୀ ସତ୍ରରେ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ ଅତିଥି ପରିଚୟ କରିଥିବା ବେଳେ ସହକାରୀ ପ୍ରଫେସର ସୁଶ୍ରୀ ପରିଚିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶାର ୨୦ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ୦୫ ଜଣ ପ୍ରଶିକ୍ଷାର୍ଥୀ ସମେତ ୫୬ ଜଣ ପ୍ରଶିକ୍ଷାର୍ଥୀ ବାର ଦିନ ଧରି ଶିକ୍ଷକ ଶିକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେବେ। ଉତ୍ସବରେ ଡ଼ ପାତ୍ର ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ଶୃଙ୍ଖଳା, ଅନୁଶାସନ ଓ ନିଷ୍ଠାପର ଭାବରେ ଦିଆଯାଉଥିବା ଶିକ୍ଷକ ପ୍ରଶିକ୍ଷଣ ସମ୍ବନ୍ଧରେ ଆଲୋକପାତ କରିବା ସହ କର୍ମଶାଳାରେ ଭରପୁର ଫାଇଦା ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡଃ ପ୍ରଧାନ ସଂପୂର୍ଣ୍ଣ ବାର ଦିନର ରୂପରେଖ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଦେବା ସହ ଇଗ୍ନୁ ବିଏଡ୍ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରୀଜଗନ୍ନାଥଙ୍କ କରକମଳରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା ଉଦଘାଟନୀ ଅଧିବେଶନରେ ସହକାରୀ ପ୍ରଫେସର ସୁଶ୍ରୀ ଅନୀତା ପଟ୍ଟନାୟକ, ଶ୍ରୀମତୀ ଅନୁପମା ମିଶ୍ର, ଯପ୍ରତ୍ ପାଣ୍ଡେ, ସୁଜାତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ କୋରାପୁଟ ଇଗ୍ନୁ ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶିକା ଡଃ ଲତିକା ମିଶ୍ର ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କ ଆଲୋଚନା କରିବା ସହ କର୍ମଶାଳାରେ ବହୁତ କିଛି ଶିଖିବାକୁ ଅଛି ବୋଲି ପରାମର୍ଶ ଦେଇଥିଲେ। ଉଦଘାଟନୀ ସମାରୋହ ପରେ ଦୁଇଟି ବୈଷୟିକ ଅଧିବେଶନ ଡ଼ ମନୋରଞ୍ଜନ ପ୍ରଧାନ ଓ ଅନୀତା ପଟ୍ଟନାୟକ ଦ୍ୱାରା କରାଯାଇଥିଲା।

## ତେଲ ପାଇଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ

ମାଲକାନଗିରି , ୧୯/୦୫ (ନି.ପ୍ର): ତେଲର ଅଭାବ ଯୋଗୁଁ ଅନେକ ସମସ୍ୟା ଭୋଗୁଛନ୍ତି ଜନତା। କେଉଁଠି ଘଂଟା ଘଂଟା ଧରି ଲୋକେ ଲାଇନ ରେ ଛିଡା ହେଉଛନ୍ତି ତ ଆଉ କେଉଁଠି ଜାତୀୟ ରାଜପଥ ଜାମ ହେଉଛି। ସେଥି ମଧ୍ୟରୁ ଆସିଛି ଆଉ ଏକ ହୃଦୟ ବିଦାରକ ଚିତ୍ର। ଯେଉଁଠି ତେଲର ଅଭାବ ଯୋଗୁଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ। ତେଲ ପାଇଁ ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁର ବସନ୍ତ ଖିଲଙ୍କର ମୃତ୍ୟୁ ହୋଇଛି। ମୃତ ବସନ୍ତ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢି ଥିଲେ। ଆମ୍ବ ତୋଳୁଥିବା ସମୟରେ ହଠାତ ଗଛରୁ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବାଇକ ଯୋଗେ ଚିକିତ୍ସାଳୟକୁ ଆଣୁଥିବା ବେଳେ ଅଧା ରାସ୍ତାରେ ଗାଡ଼ିର ତେଲ ସରିଯାଇଥିଲା। ତେଲ ନମିଳିବା ଯୋଗୁଁ ଅଧା ରାସ୍ତାରେ ଆମ୍ବଲାନ୍ସକୁ ଫୋନ କରାଯାଇଥିଲା।

# ଚମ୍ପୁଆ ବ୍ଲକରେ ସରକାରୀ ଅର୍ଥର ଅପବ୍ୟବହାର: ସୂଚନା ଫଳକରେ କଂକ୍ରିଟ୍ ରାସ୍ତା, ପଡୁଛି ପେଭରବ୍ଲକ୍

ଚମ୍ପୁଆ, ୧୯/୦୫ (ନି.ପ୍ର): ଚମ୍ପୁଆ ବ୍ଲକ ଅଂଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁଯାୟୀ ଯେକୌଣସି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ସେଠାରେ ଏକ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। କିନ୍ତୁ, ଚମ୍ପୁଆ ବ୍ଲକର ଅଧିକାଂଶ ଉନ୍ନୟନ କର୍ଯ୍ୟରେ ସରକାରୀ ନିୟମକୁ ଉଲଂଘନ କରା ଯାଉଛି। କେଉଁଠି ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଛି ତ ଆଉ କେଉଁଠି ଏହି ସୂଚନା ଫଳକ କେବଳ ଦେଖଣାହାରୀ ସାଜିଛି। ସୂଚନା ଫଳକରେ ସିସି ରୋଡ୍ ବା କଂକ୍ରିଟ୍ କରଣ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଆସିଥିବା ସ୍ପଷ୍ଟ ଭାବେ ଲେଖା ଯାଉଥିବାବେଳେ, କାର୍ଯ୍ୟକ୍ଷେତ୍ରରେ ତାର ଓଲଟା କରା ଯାଉଛି। କଂକ୍ରିଟ୍ ବଦଳରେ ପେଭରବ୍ଲକ୍ ରାସ୍ତା କରି ଅନୁଦାନ ଟଙ୍କାକୁ ଚଳୁ କରାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମରେ ନିର୍ମାଣ କରାଯାଇଥିବା ପେଭରବ୍ଲକ ରାସ୍ତା। ସୂଚନା ଫଳକ ଅନୁସାରେ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଶଶାଙ୍ଗ ଗ୍ରାମର ଜଙ୍ଗଲ ଶେଷ ଠାରୁ ଜୟଚନ୍ଦ୍ର ଘର ପର୍ଯ୍ୟନ୍ତ ରାସ୍ତାର କଂକ୍ରିଟକରଣ ନିମନ୍ତେ ଅଟକଳ ପରିମାଣ ପାଂଚ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ତେବେ ଏହି କାର୍ଯ୍ୟର କାର୍ଯ୍ୟନିର୍ବାହୀ ସଂସ୍ଥା ଖୋଦ ପଂଚାୟତ ସମିତି ଚମ୍ପୁଆ ରହିଥିବା ବେଳେ ଏଠାରେ ରାସ୍ତାକୁ କଂକ୍ରିଟ କରଣ ନକରି ପେଭରବ୍ଲକ ବିଛା ଯାଇଛି। ସୂଚନା ଫଳକରେ ଅଲଗା ଦର୍ଶାଇ ଅଲଗା କାମ କରି ବିଭାଗୀୟ ଅଧିକାରୀମାନେ ମାଲେମାଲ ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ନିରବଦ୍ରଷ୍ଟା ପାଲଟିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କଂକ୍ରିଟ୍ ରାସ୍ତା ତୁଳନାରେ ପେଭର ବ୍ଲକ୍ର ସ୍ଥାୟୀତ୍ୱ କମ୍ ଏବଂ ଏଥିରେ ବ୍ୟାପକ ପିସି କାରବାରର ସୁଯୋଗ ରହୁଛି। ତେଣୁ ବିଭାଗୀୟ ଅଧିକାରୀମାନେ ଜାଣି ଶୁଣି ଚଂଚକତା କରୁଛନ୍ତି। ଗ୍ରାମାଂଚଳର ବିକାଶ ପାଇଁ ଆସୁଥିବା ସରକାରୀ ଅର୍ଥର ଏଭଳି ଅପବ୍ୟବହାର ହେଉଥିଲେ ମଧ୍ୟ ବ୍ଲକ ପ୍ରଶାସନ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିବା ପଛର ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସାଂଘାତିକ ନିୟମ ଉଲ୍ଲଂଘନ ଏବଂ ସରକାରୀ ଅର୍ଥର ଅପବ୍ୟବହାର ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହିତ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

# କଳାହାଣ୍ଡି ଜିଲ୍ଲା ପ୍ରଶାସନଙ୍କ ପେଟ୍ରୋଲ ପମ୍ପ ପରିଦର୍ଶନ

ଭବାନୀପାଟଣା, ୧୯/୦୫ (ନି.ପ୍ର): ଆଜି ଜିଲ୍ଲାରେ ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବାର ଅଭିଯୋଗ କ୍ରମେ ଆଜି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଓ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ମିଳିତ ଭାବରେ ଭବାନୀପାଟଣା ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଢାଉ କରିଥିଲେ। ଚଢ଼ାଉ ସମୟରେ ପଣ୍ଡା ଫୁଏଲସ ରେ ୧୨୮୯୧ ଲିଟର ଡିଜେଲ ଏବଂ ୧୩୨୪୫ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା। ସେହିପରି ପ୍ରଧାନ ଫୁଏଲସରେ ୫୦୩୮ ଲିଟର ଡିଜେଲ ଏବଂ ୬୮୮୦ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୫୦୮୨୫ ଲିଟର ଡିଜେଲ ଏବଂ ୬୧୩୯୭୮ ଲିଟର ପେଟ୍ରୋଲ ଗଚ୍ଛିତ ଅଛି। ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଓ ନିୟମିତ ଯୋଗାଣ ଜାରି ରହି ଥିବାରୁ ଜିଲ୍ଲାପାଳ, ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ଓ ଆତଙ୍କିତ ହୋଇ ପେଟ୍ରୋଲ ପମ୍ପ ମାନଙ୍କରେ ଭିଡ ନ ଜମାଇବା ପାଇଁ ଅନୁରୋଧ କରିଥିଲେ। ତୈଳ ମହଜୁଦକାରୀ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ - ୧୯୫୫ ଅନୁଯାୟୀ କଠୋର କାର୍ଯାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ସିନ୍ଧି କରି ମୋବାଇଲ ଦୋକାନରୁ ଚୋରି ଉଦ୍ୟମ

ବଲାଙ୍ଗୀର, ୧୯/୦୫ (ନି.ପ୍ର): ଦିନ ଦ୍ୱିପହରରେ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ସଦର ମହକୁମାର ଏକ ମୋବାଇଲ ଦୋକାନକୁ ପଛପଟୁ ସିନ୍ଧି କରି ଚୋରି ଉଦ୍ୟମ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସଂପର୍କରେ କୁମ୍ଭାରି ଗ୍ରାମର ମୋବାଇଲ ଦୋକାନ ମାଲିକ ଯୋଗେଶ୍ୱର ଖେତି ମୁରିବାହାଲ ଥାନା ରେ ଲିଖିତ ଏତଲା ଦେବା ପରେ ପୋଲିସ୍ ଆସି ବିଭିନ୍ନ ସିସିଟିଭି ଫୁଟେଜ ଯାଂଚକରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଶ୍ରୀ ଖେତିଙ୍କ ଏତଲା ମୁତାବକ ସେ ମୁରିବାହାଲ ରାଧାକୃଷ୍ଣ, ଶିବ ମନ୍ଦିରରେ ଥିବା ୬ ନମ୍ବର ଷ୍ଟଲ ରେ ଗତ ୨୦୧୭ ମସିହାରୁ ଜେକେ ମୋବାଇଲ ଦୋକାନ ଦେଇଛନ୍ତି। ରବିବାର ଦିନ ସେ ନିଜ ମୋବାଇଲ ଦୋକାନ ଖୋଲି ଦିନ ସାଢ଼େ ୧୨ଟାରେ ବନ୍ଧ କରି ନିଜ ଗାଁକୁ ଖାଇବାକୁ ଯାଇଥିଲେ। ଅପରାହ୍ନ ସାଢେ ୩ ଟାରେ ପୁଣି ଦୋକାନ ଖୋଲିବା ବେଳକୁ ମନ୍ଦିରର କାନ୍ଥକୁ ଲାଗି ଦୋକାନର ପଛ ପଟେ ସିନ୍ଧି କରି ଚୋରି ଉଦ୍ୟମ କରାଯାଇଥିବା। ଦେଖିବାକୁ ପାଇଥିଲେ। ଦୁର୍ବୃର୍ତ୍ତମାନେ ମନ୍ଦିର ପାର୍ଶ୍ୱକୁ ଦୋକାନର ପଛ ପଟେ ଇଟା ସିମେଂଟରେ ତିଆରି କାନ୍ଥକୁ ସିନ୍ଧି କରି ଚୋରି କରିନେବାକୁ ଉଦ୍ୟମ କରିଥିଲେ। ସିନ୍ଧି ସ୍ଥାନରେ ପଡ଼ିଥିବା ଏକ ସାବଲ କୁ ପୁଲିସ ଜବତ କରି ପାଖ ଏକ ସାର ଦୋକାନ ଓ ସହି ମୋବାଇଲ ଦୋକାନର ସିସିଟିଭି ଆଦି ଯାଂଚ କରୁଛି। ମୋବାଇଲ ଦୋକାନୀ ଘଟଣା ସ୍ଥଳକୁ ପହଂଚିବା ସମୟରେ ଜଣେ ଯୁବକ ସନ୍ଦେହ ଜନକ ଭାବେ ସେଠାରେ ବୁଲାବୁଲି କରୁଥିବା ସେ ପୁଲିସକୁ ସୂଚନା ଦେଇଛନ୍ତି। ସମ୍ପୂର୍ଣ୍ଣ ଦିନ ଦ୍ୱିପହରରେ ଖୋଦ ମୁରିବାହାଲ ଥାନା ସଦର ମହକୁମା ରେ ଯଦି ଦୂର୍ବୃତମାନେ ଦୋକାନ, ହୋଟେଲ ଆଦି ବ୍ୟବସାୟ ପ୍ରତିଷ୍ଠାନରୁ ଚୋରି କରିବା କୁ ଉଦ୍ୟମ କରି ପାରୁଛନ୍ତି। ତାହେଲେ ରାତିବେଳା କିପରି ସମ୍ପୂର୍ଣ୍ଣ ଅଂଚଳ ସୁରକ୍ଷିତ ଥିବ। ଏଥିରୁ ସହଜରେ ଅନୁମେୟ ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଦିନକୁ ଦିନ ପୁଲିସ ପ୍ରତି ଦୃବୃର୍ତ୍ତ ଓ ଅପରାଧୀଙ୍କ ଭୟ ରହୁନଥିବା ଓ ଥାନା ଅଂଚଳରେ ଅବାଧରେ ମଦ, ଗଞ୍ଜେଇ, କପସିରପ ଓ ନିଶା ଇଞ୍ଜେକସନ ବହୁତ ମାତ୍ରାରେ ବିକ୍ରି ଚାଲିଥିବାରୁ ଅସାମାଜିକ ଯୁବକମାନେ ଚୋରି ଆଦି ଅପରାଧ କରୁଥିବା ଅଭିଯୋଗ ହୋଇଛି।

# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି । ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି ।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢ଼ୁଛି । ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି । ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି ।

ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ । ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ । ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ । ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର୍ ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି । ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ । ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ । ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ । ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ । ''ମେଡ୍ ଇନ୍ ଇଟାଲୀ'' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି । ଆଜି ''ମେକ୍ ଇନ୍ ଇଣ୍ଡିଆ'' କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି । ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି । ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର । ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ । ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ । ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ । ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ ।

ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି । ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି । ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ





ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଏବଂ ଜର୍ଜିଆ ମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ

ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ । ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ ''ଏଲ୍ଗୋର-ଏଥିକ୍ସ'' ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ । କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ । ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ । ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ । ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା । ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ । ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ । ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ । ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି । ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ । ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ । ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି । ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ । ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ । ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି । ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି । ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ । ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି । ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି । ବାସ୍ତବରେ ଏକ ନୂଆ ''ଭାରତ-ଭୂମଧ୍ୟସାଗର'' (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ । ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ । ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି । ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା । ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା । ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି ।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା । ଭାରତୀୟ ସଂସ୍କୃତିରେ ''ଧର୍ମ''ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍ । ସେହିପରି ''ବସୁଧୈବ କୁଟୁମ୍ବକମ୍'' – ଅର୍ଥାତ୍ ''ସାରା ବିଶ୍ୱ ଏକ ପରିବାର''ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି ।

ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି । ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ । ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ ।

# ନିର୍ଭୟା କାଣ୍ଡର ପୁନରାବୃତ୍ତି



ସୌଭାଗ୍ୟ ରଂଜନ ମହାନ୍ତି

ଜାତୀୟ ରାଜଧାନୀ ଦିଲ୍ଲୀର ନାଙ୍ଗ୍ଲୋଇରେ ଏକ ଘରୋଇ ସ୍ଲିପର ବସ ଭିତରେ ଜଣେ ମହିଳାଙ୍କୁ ବସର ଚାଳକ ଓ କଣ୍ଡକ୍ଟର ଗଣଦୁଷ୍କର୍ମ କରିବା ଘଟଣା କେବଳ ୧୪ବର୍ଷ ତଳର ବହୁ ଚର୍ଚ୍ଚିତ ନିର୍ଭୟା ଗଣଦୁଷ୍କର୍ମ ଘଟଣାର ହୃଦୟ ବିଦାରଣ କାହାଣୀକୁ ସ୍ମରଣ କରାଇଦେଇନାହିଁ, ଦିଲ୍ଲୀର ସର୍ବସାଧାରଣ ସ୍ଥାନ ଏବେ ବି ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ସନ୍ଦେଶ ପ୍ରଦାନ କରିଛି ବୋଲି କୁହାଯାଇପାରିବ । ସ୍ମରଣ କରାଇ ଦିଆଯାଇପାରେ ଯେ, ୨୦୧୨ ମସିହା ଡିସେମ୍ବର ମାସରେ ଚଳନ୍ତା ବସ ଭିତରେ ପାରା-ମେଡିକାଲ ଛାତ୍ରୀ 'ନିର୍ଭୟା'କୁ ଗଣଦୁଷ୍କର୍ମ କରିବା ସହ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିଲା, ଯେଉଁ ଘଟଣା ସାରା ଭାରତର ବିବେକକୁ ଦୋହରାଇ ଦେଇଥିଲା । ଏବେ ଅନୁରୂପ ଏକ ଘଟଣାର ପୁନରାବୃତି ଜାତୀୟ ରାଜଧାନୀର ପ୍ରଶାସନ, ପୋଲିସ ଏବଂ ପରିବହନ କର୍ତ୍ତୃପକ୍ଷଙ୍କ ବିଫଳତାର ଏକ ନିନ୍ଦନୀୟ ନିଦର୍ଶନ ବୋଲି କୁହାଯାଇପାରିବ । ଏହି ଅମାନୁଷିକ ଘଟଣା କେବଳ ନିଜ ଉପରେ ହମଲା ନୁହେଁ କିନ୍ତୁ ପରିସ୍ଥିତିର ଭୟବହତା ପରିଚିତ କରାଉଛି । କହିବା ବାହୁଲ୍ୟ ଯେ, ବସ ହେଉଛି ଏକ ସାର୍ବଜନୀନ ପରିବହନ ଏବଂ ନିରାପଦ ସ୍ଥାନ, ଯାହାକି ପୁଣି ଥରେ ଏକ ଆତଙ୍କର ସ୍ଥାନରେ ପରିଣତ ହୋଇଛି । ଆହୁରି ମଧ୍ୟ ଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ଥିବା ବସର ଡ୍ରାଇଭର ଓ କଣ୍ଡକ୍ଟର ନିଜେ ଭକ୍ଷକ ସାଜିଛନ୍ତି । ତେବେ ଏହି ଘଟଣାରେ ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୨ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟ ଘଟଣା ପରେ ମହିଳା ସୁରକ୍ଷା ନେଇ ଦେଶରେ ବିସ୍ତୃତ ଓ କଠୋର ଆଇନ ପ୍ରଣୟନ ହୋଇଥିଲା । ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା, ଆଜୀବନ କାରାଦଣ୍ଡ, ମୃତ୍ୟୁଦଣ୍ଡ ବ୍ୟବସ୍ଥା, ସିସିଟିଭି ସର୍ଭିଲାନ୍ସର ସଂପ୍ରସାରଣ ସମେତ ମହିଳାମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ଏବଂ କଠୋରରୁ କଠୋରତମ ଆଇନ ପ୍ରଣୟନ ହୋଇଥିବା ସତ୍ତ୍ୱେ ସେ ସବୁ ଏବେ ବହୁ ଆଡମ୍ବରରେ ଲଘୁ କ୍ରିୟା ସଦୃଶ ହୋଇଛି ବୋଲି କହିଲେ ଅତରଂଜିତ ହୋଇନପାରେ । କହିବା ବାହୁଲ୍ୟ ଯେ, ୨୦୧୩ ରୁ ଦେଶରେ ମହିଳା ସୁରକ୍ଷା ଆଇନ କାର୍ଯ୍ୟକାରୀ ହେବା ପରେ ଦୁଷ୍କର୍ମ, ହତ୍ୟା, ଯୌନ ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ଯୌତୁକ ହତ୍ୟା, ଘର ଭିତରେ ଏବଂ ବାହାରେ ମହିଳା ବିରୋଧି ହିଂସା ବଢିଛି ସିନା କମିବା ନାଁ ଧରୁନଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ କହେ । ଆହୁରି ମଧ୍ୟ ଲୋକଲଜ୍ୟା ଯୋଗୁଁ ବହୁ ଘଟଣାକୁ ଲୋକଲୋଚନକୁ ଆସିପାରୁନଥିବା ବେଳେ ପୋଲିସ ନିଷ୍କ୍ରିୟତା, ତଦନ୍ତରେ ଶିଥିଳତା ଏବଂ ମାମଲାର ଶୁଣାଣୀରେ ମନ୍ଥରତା, ଦଣ୍ଡବିଧାନ ହାରର ନଗଣ୍ୟତା କାରଣରୁ ଦେଶରେ ମହିଳା ବିରୋଧି ହିଂସା, ଦୁଷ୍କର୍ମ ଆଦି ଘଟଣା ବଢିବାରେ ଲାଗିଛି । ଏହା ନିସନ୍ଦେହ ଯେ, ସାର୍ବଜନୀନ ଯାତ୍ରୀ ପରିବହନ ବ୍ୟବସ୍ଥା ବସ ଭିତରେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣାର ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ କଥା କହେ । ଘରୋଇ ହେଉ ବା ସରକାରୀ ନିୟନ୍ତ୍ରଣାଧୀନ ବସ ହେଉ, ସବୁଥିରେ ଆବଶ୍ୟକୀୟ ସୁରକ୍ଷା ପରିଚାଳନାର ତଦାରଖର ଅଭାବ ରହିଛି । କଡା ଯାଂଚ ଅଭାବରୁ ଦିଲ୍ଲୀ ଏବେ ଅପରାଧିଙ୍କ ଭୂସ୍ୱର୍ଗରେ ପରିଣତ ହୋଇଛି । କେବଳ ଏତକି ନୁହେଁ, ବ୍ୟବସ୍ଥାଗତ ତୁଳନାରେ ଉପଖ୍ୟାନରେ ଗଢା ଉତର ଦାୟିତ୍ୱ ଯୋଗୁଁ ଜାତୀୟ ରାଜଧାନୀ ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହରରେ ପରିଣତ ହୋଇଛି । ଘରୋଇ ବସଗୁଡିକୁ କଡାକଡି ଭାବେ ଯାଂଚ କରାଯିବା ସହ ସିସିଟିଭି ବାଧ୍ୟତାମୂଳକ ହେବା ଜରୁରୀ । ସେହିପରି ବସଗୁଡିକରେ ଜିପିସି ଟ୍ରାକିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବାର ଆବଶ୍ୟକତା ରହିଛି । ତେବେ ସବୁଠାରୁ ପ୍ରସଙ୍ଗ ହେଉଛି ମହିଳାଙ୍କ ସୁରକ୍ଷା କେବଳ ସ୍ଲୋଗାନ ଯେପରି ସୀମିତ ରହିବ । ସେଥିପ୍ରତି ଉଭୟ ସରକାର, ପ୍ରଶାସନ, ପୋଲିସ ଯତ୍ନବାନ ହେବା ଆବଶ୍ୟକ । ଆଇନର କଡାକଡି କାର୍ଯ୍ୟକାରିତା ଏବଂ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମହିଳାଙ୍କ ନିରାପତାକୁ ସୁନିଶ୍ଚିତ କରିପାରିବ ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ତୈଳ ସଙ୍କଟ ଓ ଆଶାର ପ୍ରତୀକ 'ଗ୍ରୀନ ଏନର୍ଜି'



ସୁବ୍ରତ କୁମାର ଦାସ

ବିଶ୍ୱ ସଭ୍ୟତାର ଅଗ୍ରଗତି ପଛରେ ଯଦି କୌଣସି ଅଦୃଶ୍ୟ ଶକ୍ତି ନିରବରେ କାମ କରୁଛି, ସେହି ଶକ୍ତି ହେଉଛି ତୈଳ । ଆଧୁନିକ ଜୀବନର ପ୍ରତ୍ୟେକ ସ୍ତର ଯାତାୟାତ, ଶିଳ୍ପ, କୃଷି, ବାଣିଜ୍ୟ ଓ ଘରୋଇ ଜୀବନ, ସବୁ କିଛି ଏହି ଇନ୍ଧନ ଉପରେ ନିର୍ଭରଶୀଳ । ତେଣୁ ବିଶ୍ୱ ବଜାରରେ ତୈଳର ଅଭାବ କିମ୍ବା ମୂଲ୍ୟବୃଦ୍ଧି କେବଳ ଏକ ଆର୍ଥିକ ଘଟଣା ନୁହେଁ, ଏହା ସମଗ୍ର ସାମାଜିକ ଓ ରାଜନୈତିକ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ଏକ ଗଭୀର ସଙ୍କଟ । ଆଜି ବିଶ୍ୱ ଯେପରି ତୈଳ ସଙ୍କଟର ସମ୍ମୁଖୀନ ହେଉଛି, ତାହାର ପ୍ରଭାବରୁ ଭାରତ ମଧ୍ୟ ମୁକ୍ତ ନୁହେଁ ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ଆନ୍ତର୍ଜାତିକ ରାଜନୈତିକ ଚାପ, ଉତ୍ପାଦନ ହ୍ରାସ ଏବଂ ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି ଆଜିର ତୈଳ ସଙ୍କଟର ପ୍ରମୁଖ କାରଣ । ତୈଳ ଉତ୍ପାଦନକାରୀ ଦେଶ ଗୁଡ଼ିକରେ ସାମାନ୍ୟ ଅସ୍ଥିରତା ମଧ୍ୟ ବିଶ୍ୱ ବଜାରକୁ କମ୍ପିତ କରିଦେଉଛି । ତୈଳ ଦର ବୃଦ୍ଧି ପାଇଲେ ତାହାର ପ୍ରତ୍ୟେକ୍ଷ ପ୍ରଭାବ ଭାରତ ଭଳି ଆମଦାନି ନିର୍ଭର ଦେଶମାନଙ୍କ ଉପରେ ପଡ଼େ । ଦେଶର ବହୁତ ଅଂଶ ଇନ୍ଧନ ବିଦେଶରୁ ଆସୁଥିବାରୁ ଆନ୍ତର୍ଜାତିକ ବଜାରର ଅସ୍ଥିରତା ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରୁଛି ।

ତୈଳ ମୂଲ୍ୟ ବୃଦ୍ଧି ସହିତ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଅସହ୍ୟ ହୋଇଉଠେ । ପେଟ୍ରୋଲ ଓ ଡିଜେଲ ଦର ବଢ଼ିଲେ ପରିବହନ ଖର୍ଚ୍ଚ ବଢ଼େ; ତାହାର ପ୍ରଭାବରେ ଖାଦ୍ୟ ସାମଗ୍ରୀରୁ ଆରମ୍ଭ କରି ନିର୍ମାଣ ସାମଗ୍ରୀ ପର୍ଯ୍ୟନ୍ତ ସବୁ କିଛିର ମୂଲ୍ୟ ଉର୍ଦ୍ଧ୍ୱମୁଖୀ ହୁଏ । ମଧ୍ୟବର୍ଗୀୟ ପରିବାରର ମାସିକ ବଜେଟ୍ ଭାଙ୍ଗିଯାଏ ଏବଂ ଗରିବ ଶ୍ରେଣୀ ପାଇଁ ଜୀବନ ଅଧିକ କଷ୍ଟକର ହୋଇପଡ଼େ । ଏହି ପରିସ୍ଥିତି ଦେଶରେ ମୁଦ୍ରାସ୍ଫୀତିକୁ ଆହୁରି ଗଭୀର କରିଥାଏ ।

କୃଷି କ୍ଷେତ୍ରରେ ମଧ୍ୟ ତୈଳ ସଙ୍କଟର ପ୍ରଭାବ ଅତ୍ୟନ୍ତ ଗମ୍ଭୀର । କୃଷି ରେ ବ୍ୟବହୃତ ଡିଜେଲ ଚାଳିତ ପମ୍ପସେଟ୍, ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ର ଉପରେ ନିର୍ଭର କରୁଥିବା ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଉଛି । ଫଳରେ ଚାଷୀଙ୍କ ଲାଭ କମୁଛି ଏବଂ ଖାଦ୍ୟପଦାର୍ଥର ଦର ବୃଦ୍ଧି ଘଟୁଛି । ଏହା କେବଳ ଆର୍ଥିକ ନୁହେଁ, ସାମାଜିକ ଅସନ୍ତୋଷର ମଧ୍ୟ ଏକ ବଡ଼ କାରଣ ।

ଏହା ସହିତ ତୈଳର ଅତ୍ୟଧିକ ବ୍ୟବହାର ପରିବେଶ ପାଇଁ ମଧ୍ୟ ଭୟଙ୍କର ସଙ୍କେତ ବହନ କରୁଛି । ଜୀବାଶ୍ମ ଇନ୍ଧନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ ଆଜି ଗ୍ଲୋବାଲ୍ ୱାର୍ମିଙ୍ଗର ମୂଳ କାରଣ । ଅସମୟରେ ବର୍ଷା, ଅତ୍ୟଧିକ ଉଷ୍ଣତା, ବନ୍ୟା ଓ ଘୂର୍ଣ୍ଣିବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପଛରେ ଏହି ଅତ୍ୟଧିକ ଇନ୍ଧନ ବ୍ୟବହାରର ଗଭୀର ସମ୍ପର୍କ ରହିଛି । ତେଣୁ ତୈଳ ସଙ୍କଟକୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ, ପରିବେଶ ସୁରକ୍ଷାର ପ୍ରସଙ୍ଗରେ ମଧ୍ୟ ବିଚାର କରିବା ସମୟର ଆବଶ୍ୟକତା ।

ଭାରତ ସରକାର ଏହି ସଙ୍କଟର ସମାଧାନ ପାଇଁ ନବୀକରଣ ଯୋଗ୍ୟ ଶକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି । ସୌର ଶକ୍ତି, ପବନ ଶକ୍ତି ଓ ଇଲେକ୍ଟ୍ରିକ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି । "ଗ୍ରୀନ ଏନର୍ଜି" ଆଜି ଭାରତର ଭବିଷ୍ୟତ ଆଶାର ପ୍ରତୀକ ହୋଇଉଠିଛି । କିନ୍ତୁ ସରକାରୀ ପଦକ୍ଷେପ ସହ ସାଧାରଣ ଲୋକଙ୍କ ସଚେତନତା ମଧ୍ୟ ଅତ୍ୟାବଶ୍ୟକ । ଅପଚୟ ରୋକିବା, ସାଧାରଣ ପରିବହନ ବ୍ୟବହାର ଓ ଶକ୍ତି ସଞ୍ଚୟ ପ୍ରତି ଆଗ୍ରହ ବଢ଼ିଲେ ମାତ୍ର ଏହି ସଙ୍କଟର ଦୀର୍ଘମିଆଦି ସମାଧାନ ସମ୍ଭବ ।

ଆଜିର ତୈଳ ସଙ୍କଟ ଭାରତ ପାଇଁ ଏକ ସତର୍କ ସଂକେତ । ଏହା ଆମକୁ ଶିକ୍ଷା ଦିଏ ଯେ, ବିକଳ୍ପ ଶକ୍ତିର ବିକାଶ ଓ ଆତ୍ମନିର୍ଭର ଶକ୍ତି ନୀତି ହିଁ ଭବିଷ୍ୟତର ସଠିକ୍ ପଥ । ଯଦି ଆମେ ଏବେଠାରୁ ସଚେତନ ହେବାକୁ ବିଫଳ ହେବୁ, ତେବେ ଆସନ୍ତା ଦିନରେ ଏହି ସଙ୍କଟ ଅଧିକ ଭୟାବହ ରୂପ ଧାରଣ କରିପାରେ । ତେଣୁ ବର୍ତ୍ତମାନ ଶକ୍ତି ସଞ୍ଚୟକୁ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବାର ସମୟ ଆମ ପାଇଁ ଆସିଛି ।

+ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

# ବିକ୍ରି ହେଲା ନ୍ୟାୟ: ଆମେରିକାରେ ଆର୍ଥିକ ଚୁକ୍ତି, ଭାରତରେ ସୁରକ୍ଷିତ ଲାଞ୍ଚଖୋର ଅଧିକାରୀ

ଆମେରିକାର ନ୍ୟାୟ ବିଭାଗ (ଡିଓଜେ) ଏବଂ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ୍ କମିଶନ୍ (ଏସଇସି) ଦ୍ୱାରା ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଥିବା ମାମଲାଗୁଡ଼ିକୁ ରଫାଦଫା କରାଯିବା ଘଟଣା ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ପ୍ରଶାସନ ଆସିବା ପରେ ଆଦାନୀଙ୍କ ଆଇନଜୀବୀଙ୍କ ସହ ହୋଇଥିବା ଏକ ଗୁପ୍ତ ବୁଝାମଣା ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଘଟଣାର ଦୁଇଟି ପୃଥକ ଆଇନଗତ ଦିଗ ରହିଛି, ଯାହାକୁ ବୁଝିବା ଅତ୍ୟନ୍ତ ଜରୁରୀ । ପ୍ରଥମଟି ହେଉଛି ଇରାନ ଉପରେ ଆମେରିକାର କଟକଣା ଉଲ୍ଲଂଘନ କରିବା ନେଇ ଥିବା ଦେୱାନୀ (ସିଭିଲ୍) ମାମଲା, ଯେଉଁଥିରେ ଆଦାନୀ ଗ୍ରୁପ୍ ଏସଇସିକୁ ୧୮ ନିୟୁତ ଡଲାର ଜୋରିମାନା ଦେଇ ଖସିଯାଇଛି ଏବଂ ଏହି ମାମଲାରେ ସେମାନେ 'ଦୋଷ ସ୍ୱୀକାର ନୁହେଁ କି ଖଣ୍ଡନ ନୁହେଁ' **(no admission or denial of guilt)** ନୀତି ଆପଣାଇଛନ୍ତି । ଦ୍ୱିତୀୟ ତଥା ସବୁଠାରୁ ସାଂଘାତିକ ମାମଲାଟି ହେଉଛି ଭାରତରେ ସୌର ଶକ୍ତି ଚୁକ୍ତି ହାସଲ କରିବା ପାଇଁ ଭାରତୀୟ ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର (ପ୍ରାୟ ୨୪୦୦ କୋଟି ଟଙ୍କା) ଲାଞ୍ଚ ଦେବାର ଅପରାଧିକ ମାମଲା । ଆମେରିକାର ନ୍ୟାୟ ବିଭାଗ ଏହି ଅପରାଧିକ ମାମଲାଟିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିନେଇଛି, କାରଣ ଏହା ବଦଳରେ ଆଦାନୀ ଗ୍ରୁପ୍ ଆମେରିକାର ଅର୍ଥନୀତିରେ ୧୦ ବିଲିୟନ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି । ଆମେରିକା ନିଜର ଆର୍ଥିକ ଲାଭ ପାଇଁ ଏହି ମାମଲାକୁ ବନ୍ଦ କରିଦେଇଥାଇପାରେ, କିନ୍ତୁ ଭାରତ ଏବଂ ଭାରତୀୟ ନାଗରିକଙ୍କ ପାଇଁ ଏହା ଏକ ଭୟଙ୍କର ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଯେତେବେଳେ ଆମେରିକାର ଏକ ଶୀର୍ଷ ତଦନ୍ତକାରୀ ସଂସ୍ଥା ନିଜର ଚାର୍ଜସିଟ୍‌ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରୁଛି ଯେ ଭାରତୀୟ ଅଧିକାରୀମାନଙ୍କୁ ୨୪୦୦ କୋଟି ଟଙ୍କାର ବିପୁଳ ଲାଞ୍ଚ ଦିଆଯାଇଛି, ସେତେବେଳେ ଭାରତରେ ଏହାର ତଦନ୍ତ ନହେବା ଆମ ଦେଶର ଶାସନ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଏକ ସିଧାସଳଖ ଆକ୍ରମଣ । ଆମେରିକାରେ ଅପରାଧିକ ମାମଲା ରଦ୍ଦ ହୋଇଯିବା ଅର୍ଥ ନୁହେଁ ଯେ ଭାରତରେ ଲାଞ୍ଚ କାରବାର ହୋଇନାହିଁ । ବରଂ ଏହାର ଅର୍ଥ ହେଉଛି ଯେ ଆମେରିକା ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପରିବର୍ତ୍ତେ ନିଜ ଦେଶରେ ପୁଞ୍ଜି ନିବେଶକୁ ଅଧିକ ଗୁରୁତ୍ୱ ଦେଲା । କିନ୍ତୁ ଭାରତୀୟ ଗଣତନ୍ତ୍ର ପାଇଁ ଏହା ଏକ ଜ୍ୱଳନ୍ତ ପ୍ରଶ୍ନ ଛାଡ଼ିଯାଇଛି ଯେ, ସେହି ୨୪୦୦ କୋଟି ଟଙ୍କାର ଲାଞ୍ଚ କେଉଁ ଭାରତୀୟ ନେତା ବା ଅମଲାଙ୍କ ପକେଟକୁ ଗଲା ? ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଏକ ସାଂଘାତିକ ଅଭିଯୋଗ ଆସିବା ମାତ୍ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସେବି (**SEBI**) ଭଳି ସଂସ୍ଥାଗୁଡ଼ିକ ତୁରନ୍ତ ସକ୍ରିୟ ହୋଇ ତଦନ୍ତ ଆରମ୍ଭ କରିବା କଥା । ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ବିନା ପ୍ରମାଣରେ ଛୋଟ ଛୋଟ ଅଭିଯୋଗ ଆସିଲେ ଏହି ସଂସ୍ଥାଗୁଡ଼ିକ ଯେଉଁ ତତ୍ପରତା ଦେଖାନ୍ତି, ଆଦାନୀଙ୍କ କ୍ଷେତ୍ରରେ ସେହି ତତ୍ପରତା ସମ୍ପୂର୍ଣ୍ଣ ଅନୁପସ୍ଥିତ ରହିବା ଅତ୍ୟନ୍ତ ନୈରାଶ୍ୟଜନକ । ଏହା ପ୍ରମାଣିତ କରୁଛି ଯେ ଭାରତରେ ଆଇନ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଶାସକ ଦଳ ଏବଂ ସେମାନଙ୍କର ପୃଷ୍ଠପୋଷକତା ଲାଭ କରୁଥିବା ବିଶାଳ ପୁଞ୍ଜିପତିମାନଙ୍କର ହାତବାରିସି ସାଜିଛନ୍ତି । ଯଦି ୨୪୦୦ କୋଟି ଟଙ୍କାର ଲାଞ୍ଚ କାରବାର ବିନା କୌଣସି ଘରୋଇ ତଦନ୍ତରେ ହଜିଯାଏ, ତେବେ ଏହା ସ୍ପଷ୍ଟ କରୁଛି ଯେ ଦେଶରେ କର୍ପୋରେଟ୍ ଦୁର୍ନୀତି ଏବେ ବେଆଇନ ନୁହେଁ, ବରଂ ବ୍ୟବସ୍ଥାର ଏକ ଅଲିଖିତ ନିୟମ ପାଲଟିଯାଇଛି ।

ଏହି ଦୁର୍ନୀତିର ସିଧାସଳଖ ପ୍ରଭାବ ଦେଶର ସାଧାରଣ ଜନତା ଏବଂ ଟିକସଦାତାଙ୍କ ଉପରେ ପଡୁଛି । ଯେତେବେଳେ କୌଣସି କମ୍ପାନୀ ସରକାରୀ ଟେଣ୍ଡର କିମ୍ବା ଚୁକ୍ତି ହାସଲ କରିବା ପାଇଁ ଶହ ଶହ କୋଟି ଟଙ୍କାର ଲାଞ୍ଚ ଦିଏ, ସେହି ଟଙ୍କା କମ୍ପାନୀ ନିଜ ଘରୁ ବା ନିଜ କ୍ଷତି ସହି ଆଣି ନଥାଏ । ଲାଞ୍ଚ ବାବଦକୁ ଖର୍ଚ୍ଚ ହୋଇଥିବା ଅର୍ଥକୁ ପ୍ରକଳ୍ପର ମୂଲ୍ୟରେ ସିଧାସଳଖ ଯୋଡ଼ିଦିଆଯାଏ । ଆଦାନୀଙ୍କ କ୍ଷେତ୍ରରେ ଏହା ଥିଲା ବିଶାଳ ସୌର ଶକ୍ତି ଉତ୍ପାଦନ ଏବଂ ଯୋଗାଣ ଚୁକ୍ତି । ଲାଞ୍ଚ ଦେଇ ମହଙ୍ଗା ଦରରେ ଚୁକ୍ତି ହାସଲ କରିବା ଫଳରେ ସୌର ବିଦ୍ୟୁତର ପ୍ରତି ୟୁନିଟ୍ ଉତ୍ପାଦନ ମୂଲ୍ୟ ବୃଦ୍ଧି ପାଇଥାଏ । ଶେଷରେ ଏହି ବର୍ଦ୍ଧିତ ମୂଲ୍ୟର ବୋଝ ଦେଶର ସାଧାରଣ ଉପଭୋକ୍ତାମାନଙ୍କୁ ନିଜର ମାସିକ ବିଦ୍ୟୁତ୍ ବିଲ୍ ମାଧ୍ୟମରେ ବହନ କରିବାକୁ ପଡ଼େ । ଅର୍ଥାତ୍, ଆଦାନୀ ଯେଉଁ ୨୦୦୦ କୋଟି ଟଙ୍କା ଭାରତୀୟ ଅଧିକାରୀମାନଙ୍କୁ ଲାଞ୍ଚ ଆକାରରେ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି, ତାହା ପରୋକ୍ଷରେ ଭାରତୀୟ ଜନତାଙ୍କ ପକେଟରୁ ହିଁ ଲୁଟ୍ କରାଯାଇଛି । ଏହି ଘଟଣା ଦର୍ଶାଉଛି ଯେ କ୍ରୋନି କ୍ୟାପିଟାଲିଜମ୍ କିମ୍ବା ପୁଞ୍ଜିବାଦୀ ବନ୍ଧୁତ୍ୱ କେବଳ ଏକ ରାଜନୈତିକ ସ୍ଲୋଗାନ ନୁହେଁ, ବରଂ ଏହା ହେଉଛି ସାଧାରଣ ଲୋକଙ୍କୁ ଶୋଷଣ କରିବାର ଏକ ସୁଚିନ୍ତିତ ଅର୍ଥନୈତିକ ଷଡ଼ଯନ୍ତ୍ର । ଭାରତର ସମ୍ପଦକୁ ବ୍ୟବହାର କରି ଅର୍ଥ ଉପାର୍ଜନ କରିବା ଏବଂ ସେହି ଅର୍ଥ ବଳରେ ଆମେରିକାରେ ନିବେଶର ପ୍ରତିଶ୍ରୁତି ଦେଇ ନିଜକୁ ଆଇନଗତ ଦଣ୍ଡରୁ ରକ୍ଷା କରିବା ଭାରତୀୟ ଅର୍ଥନୀତି ପାଇଁ ଏକ ଦ୍ୱୈତ ଆଘାତ ସଦୃଶ ଅଟେ । ଆମେରିକା ୧୦ ବିଲିୟନ ଡଲାରର ନିବେଶ ପାଇଗଲା, କିନ୍ତୁ ଭାରତକୁ ମିଳିଲା କେବଳ ଦୁର୍ନୀତିଗ୍ରସ୍ତ ଚୁକ୍ତି ଏବଂ ମହଙ୍ଗା ବିଦ୍ୟୁତ୍ ।

ଆଇନଗତ ଦୃଷ୍ଟିକୋଣରୁ ବିଚାର କଲେ ଏହି ଘଟଣାକ୍ରମ ଭାରତ ପାଇଁ ଆହୁରି ନିରାଶାଜନକ । ଇରାନ ଉପରେ ଥିବା କଟକଣା ଉଲ୍ଲଂଘନ ଭଳି ଦେୱାନୀ ମାମଲାରେ ଆଦାନୀ ଗ୍ରୁପ୍ ମାତ୍ର ୧୮ ନିୟୁତ ଡଲାରର ଜୋରିମାନା ଦେଇ 'ଦୋଷ ସ୍ୱୀକାର ନୁହେଁ କି ଖଣ୍ଡନ ନୁହେଁ' ନୀତିରେ ଖସିଗଲା । ଏହା ଏକ ସାଧାରଣ କର୍ପୋରେଟ୍ ବୁଝାମଣା ହୋଇପାରେ । କିନ୍ତୁ ୨୫୦ ନିୟୁତ ଡଲାରର ଲାଞ୍ଚ କାରବାର ଭଳି ସଙ୍ଗୀନ ଅପରାଧିକ ମାମଲାକୁ ବିନା କୌଣସି ବିଚାରରେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିନେବା ଏକ ଭୟଙ୍କର ଦୃଷ୍ଟାନ୍ତ ସୃଷ୍ଟି କରିଛି । ଯଦି ଏହି ମାମଲାର ବିଚାର ଆମେରିକା କୋର୍ଟରେ ହୋଇଥାନ୍ତା, ତେବେ ସେହି ଭାରତୀୟ ଅଧିକାରୀ ଏବଂ ରାଜନେତାମାନଙ୍କ ନାମ ପଦାକୁ ଆସିଥାନ୍ତା ଯେଉଁମାନେ ଏହି ବିପୁଳ ଲାଞ୍ଚ ଗ୍ରହଣ କରିଥିଲେ । ମାମଲା ରଦ୍ଦ ହେବା ଫଳରେ ସେହି ଦୁର୍ନୀତିଗ୍ରସ୍ତ ଭାରତୀୟ ଅଧିକାରୀମାନେ ସବୁଦିନ ପାଇଁ ସୁରକ୍ଷିତ ହୋଇଗଲେ । ଏହାର ପ୍ରଭାବ ଭାରତର ବୈଦେଶିକ ପ୍ରତ୍ୟକ୍ଷ ନିବେଶ (**FDI**) ଉପରେ ଅତ୍ୟନ୍ତ ନକାରାତ୍ମକ ହେବ । ଯେଉଁ ପ୍ରକୃତ ବିଦେଶୀ ନିବେଶକମାନେ ଆନ୍ତର୍ଜାତୀୟ ଆଇନ ମାନି ସ୍ୱଚ୍ଛତାର ସହ ବ୍ୟବସାୟ କରିବାକୁ ଚାହୁଁଛନ୍ତି, ସେମାନେ ଭାରତ ଭଳି ଏକ ଦୁର୍ନୀତିଗ୍ରସ୍ତ ବଜାରରେ ପ୍ରବେଶ କରିବାକୁ ଭୟ କରିବେ । ସେମାନେ ଅନୁଭବ କରିବେ ଯେ ଭାରତରେ ସ୍ୱଚ୍ଛ ପ୍ରତିଯୋଗିତା ନାହିଁ, ବରଂ ଯିଏ ଅଧିକ ଲାଞ୍ଚ ଦେଇପାରିବ କିମ୍ବା ଯାହାର ସରକାରୀ ସ୍ତରରେ ଉଚ୍ଚ ପହଞ୍ଚ ଥିବ, ସିଏ ହିଁ ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିପାରିବ । ଏହା ଦେଶର ଦୀର୍ଘସ୍ଥାୟୀ ଅର୍ଥନୈତିକ ବିକାଶକୁ ବାଧାପ୍ରାପ୍ତ କରିବ ।

ପରିଶେଷରେ, ଆମେରିକାରେ ଗୌତମ ଆଦାନୀଙ୍କୁ ମିଳିଥିବା ଆଇନଗତ କ୍ଲିନ୍ ଚିଟ୍ ଭାରତୀୟ ବ୍ୟବସ୍ଥା ପାଇଁ କୌଣସି ଗର୍ବର ବିଷୟ ନୁହେଁ, ବରଂ ଏହା ଏକ ବିରାଟ ପରାଜୟ । ଏହା କେବଳ ଆମେରିକାର ବୁଝାମଣାବାଦୀ ନ୍ୟାୟ ବ୍ୟବସ୍ଥାକୁ ପଦାରେ ପକାଇନାହିଁ, ବରଂ ଭାରତର ଶାସନ, ପ୍ରଶାସନ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକର ପଙ୍ଗୁତ୍ୱକୁ ସମଗ୍ର ବିଶ୍ୱ ସାମ୍ନାରେ ଉଲଗ୍ନ କରିଦେଇଛି । ସାଧାରଣ ଭାରତୀୟ ନାଗରିକମାନଙ୍କୁ ଏବେ ସଚେତନ ହେବାର ସମୟ ଆସିଛି । କର୍ପୋରେଟ୍ ଠକେଇ ଏବଂ ରାଜନୈତିକ ଦୁର୍ନୀତିର ଏହି ଅପବିତ୍ର ମେଣ୍ଟ ବିରୋଧରେ ସ୍ୱର ଉତ୍ତୋଳନ ନକଲେ, ଦେଶର ସମସ୍ତ ପ୍ରାକୃତିକ ସମ୍ପଦ ଏବଂ ସରକାରୀ ପ୍ରକଳ୍ପ କେବଳ କିଛି ହାତଗଣତି ପୁଞ୍ଜିପତିଙ୍କ କବଜାରେ ରହିବ ଏବଂ ସାଧାରଣ ଜନତା କେବଳ ଏହି ଦୁର୍ନୀତିର ମୂଲ୍ୟ ଟିକସ ଏବଂ ମହଙ୍ଗା ବିଲ୍ ଆକାରରେ ଭରୁଥିବେ ।

# ରାସ୍ତା ଅବରୋଧ ଜନିତ ହତ୍ୟା !



## ମହେଶ୍ୱର ପାତ୍ର

ଆଜ୍ଞା, ହଁ ! ରାସ୍ତା ଅବରୋଧ କାରଣରୁ ହେଉଥିବା ଦୁର୍ଘଟଣା ଜନିତ ମୃତ୍ୟୁ ଏକ ପ୍ରକାର ହତ୍ୟା ! କିନ୍ତୁ ଦୁଃଖର ବିଷୟ ଏଥି ନିମନ୍ତେ ଦାୟୀ ବ୍ୟକ୍ତିବିଶେଷ ମାନେ ଅତି ଚତୁରତାର ସହ ଆମ ବ୍ୟବସ୍ଥାରେ ଥିବା ଢିଲାପଣ ଯୋଗୁଁ କଠୋର କାର୍ଯ୍ୟାନୁଷ୍ଠାନ ରୁ ବର୍ତ୍ତି ଯାଆନ୍ତି । ଫଳ ସ୍ୱରୂପ ଏହି ଭଳି ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି । ଅକାଳରେ ଅନେକଙ୍କ ଜୀବନ ଦୀପ ଲିଭି ଯାଉଛି ଏବଂ ଅନେକ ପରିବାର ବେସାହାରା ହେଇ ଯାଉଛନ୍ତି । ଏଠାରେ ରାସ୍ତା ଅବରୋଧଜନିତ ଦୁର୍ଘଟଣାକୁ (ମୃତାହତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି) ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା :- ବେଆଇନ ପାର୍କିଂ ଏବଂ ବେନିୟମ ଭାବରେ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖିବା ।

ଏକ ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାର ଜାତୀୟ ରାଜପଥ ଗୁଡିକରେ ହେଉଥିବା ଭୟାନକ ଦୁର୍ଘଟଣା ଗୁଡ଼ିକ ମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ଦୁର୍ଘଟଣା ବେଆଇନ ପାର୍କିଂ ଯୋଗୁଁ ଘଟିଥାଏ । ବିଗତ କୋଡ଼ିଏ ମାସ ମଧ୍ୟରେ ଜାତୀୟ ଓ ରାଜ୍ୟ ରାଜପଥ ଉପରେ ବେଆଇନ ପାର୍କିଂ ଜନିତ ମୃତାହତ ସଂଖ୍ୟା ପ୍ରାୟ ୩୫୦, ଯାହା ଜାତୀୟ ହାର ଠାରୁ ଖୁବ୍ ଉର୍ଦ୍ଧ୍ୱରେ ।ଆମ ରାଜ୍ୟ ଦେଇ ଯାଇଥିବା ୫୨୦,୨୧୫ ଓ ୪୯ ନମ୍ବର୍ ଜାତୀୟ ରାଜପଥ ଆଦି ବେଆଇନ୍ ପାର୍କିଂ ଜନିତ ଦୁର୍ଘଟଣା ନିମନ୍ତେ ଖୁବ୍ ଜଣାଶୁଣା । ଓଡିଶାର ବିଭିନ୍ନ ପ୍ରାନ୍ତରେ ବେଆଇନ୍ ପାର୍କିଂ ଜନିତ ଦୁର୍ଘଟଣା ହେଉଥିଲେ ମଧ୍ୟ ଦୁର୍ଘଟଣାର ମାତ୍ରା ଓ ଧନ ଜୀବନ କ୍ଷୟକ୍ଷତି ଦୃଷ୍ଟିରୁ ଉପରୋକ୍ତ ରାଜପଥ ଗୁଡିକ ଯାତାୟାତ ନିମନ୍ତେ ଖୁବ୍ ବିପଜ୍ଜନକ । ମୁଖ୍ୟତଃ ମାଲ ପରିବହନ ପାଇଁ ବିଭିନ୍ନପ୍ରାନ୍ତରୁ ଆସୁଥିବା ଟ୍ରକ ଓ ଟ୍ରେଲର ଗୁଡ଼ିକ ମନଇଚ୍ଛା ଏଣେତେଣେ ପାର୍କିଂ କରିବା ଦୁର୍ଘଟଣାର କାରଣ ସାଜିଥାଏ ।ବେଳେବେଳେ କିଛି ଅମାନିଆ ଡ୍ରାଇଭରଙ୍କ ବେପରୁଆ ଆଚରଣ ପାଇଁ ଅନେକଙ୍କ ଜୀବନ ବାଜିରେ ଲାଗିଥାଏ । ଅବଶ୍ୟ କିଛି ଘରୋଇ କମ୍ପାନୀ ଗୁଡ଼ିକ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସୁରକ୍ଷା କର୍ମୀ ନିୟୋଜିତ କରିଛନ୍ତି କିନ୍ତୁ ଏହା ଦୁର୍ଘଟଣା ଓ ମୃତାହତ ସଂଖ୍ୟା କମେଇବାରେ ସହାୟ ହେଉ ନାହିଁ ।

ବେଆଇନ ପାର୍କିଂ ପାଇଁ ହୁଏ ତ ସରକାରଙ୍କର କିଛି ଅଙ୍କୁଶ ରହିଛି କିନ୍ତୁ ବେନିୟମ ଭାବେ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖୁଥିବା ସଂସ୍ଥା କିମ୍ବା ସାଧାରଣ ଲୋକଙ୍କ ଉପରେ ପ୍ରଶାସନ/ ସରକାରଙ୍କର କୌଣସି ଅଙ୍କୁଶ ଥିଲା ପରି ମନେ ହୁଏ ନାହିଁ ଏବଂ ଏହି କାରଣରୁ ଅନେକ ଧନ ଜୀବନ କ୍ଷୟକ୍ଷତି ହୋଇଥାଏ । କିଛି ମାସ ତଳେ ୩୧୬ ନମ୍ବର୍ ଜାତୀୟ ରାଜପଥ ପିପିଲି ନିକଟରେ ରାସ୍ତା ଉପରେ ବାଲି ପଡ଼ିଥିବା ଯୋଗୁଁ ଜଣେ ଉଦୀୟମାନ ମହିଳା ସାମ୍ବାଦିକଙ୍କ ମୃତ୍ୟୁ ହୋଇଥିଲା । ଘଟଣା ଅନୁଯାୟୀ

ସ୍କୁଟିର ଚକ ବାଲିରେ ଘୋଷାଡି ହୋଇ ପଡ଼ିବାରୁ ଦୁଇ ଯୁବତୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ ସେହି ସମୟରେ ପଛରୁ ଆସୁଥିବା ଏକ ବସ ମୃତ । ସାମ୍ବାଦିକଙ୍କ ଉପରେ ଚଢ଼ି ଯାଇଥିଲା । ଗତ ମାସରେ କେନ୍ଦୁଝର ସହରର ପୌରଧକ୍ଷାଙ୍କ ଏକ ମାତ୍ର ପୁତ୍ରଙ୍କ ଏଇ ଭଳି ଏକ ହୃଦୟବିଦାରକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଗୁଡିକରେ ଅଧିକ ଦୁର୍ଘଟଣା ଘଟିବା ସହ ଅନେକ ଲୋକ ମୃତାହତ ହେଉଛନ୍ତି । ବିଗତ ବର୍ଷର ପରିସଂଖ୍ୟାନକୁ ଦୃଷ୍ଟି ଦେଲେ ଜଣାଯାଏ ଯେ କି ଦେଶରେ ହେଉଥିବା ସମସ୍ତ ଦୁର୍ଘଟଣା ମଧ୍ୟରୁ ପ୍ରାୟ ଷାଠିଏ ପ୍ରତିଶତ ଦୁର୍ଘଟଣା କେବଳ ଗ୍ରାମାଞ୍ଚଳରେ ସଂଗଠିତ ହୋଇଥାଏ ଏବଂ ପ୍ରତି ଦଶଟି ଭୟାନକ/ମର୍ମନ୍ତୁଦ ଦୁର୍ଘଟଣା ମଧ୍ୟରୁ ସାତଟି ଗ୍ରାମାଞ୍ଚଳର ହୋଇଥାଏ । ଏଥି ପାଇଁ ଅବଶ୍ୟ ବେପରୁଆ ଗାଡି ଚାଳନା, ଦ୍ରୁତ ଗତି, ଟ୍ରାଫିକ ନିୟମ ଅବମାନନା, ରାସ୍ତାର ସ୍ଥିତି,ବିନା ହେଲମେଟ/ସିଟ ବେଲ୍ଟରେ ଗାଡ଼ି ଚାଳନା ଆଦି ଦାୟୀ । ଏହା ବ୍ୟତୀତ ଗାଁ ଗହଳିରେ ରାସ୍ତା ଉପରେ ବେନିୟମ ଭାବରେ ନିର୍ମାଣ ସାମଗ୍ରୀ ରଖିବା, ପାଳ ସୁଖେଇବା, ଧାନ,ଗହମ, ଶୁଖୁଆ ଆଦି ରଖି ରାସ୍ତାକୁ ସଙ୍କୁଚିତ କରିବା ଦୁର୍ଘଟଣାର ଗୋଟିଏ ଗୋଟିଏ କାରଣ ପାଲଟେ ।

ପ୍ରତିବର୍ଷ ଭାରତ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ଜାନୁୟାରୀ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ମହାଆଡମ୍ବରରେ ପାଳିତ ହେଉଛି । ଏହି ସମୟରେ ପୋଲିସ ପ୍ରଶାସନ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଡ କ୍ରସ, ଏନସିସି, ଏନଏସଏସ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ପଦଯାତ୍ରା, ଫ୍ଲେକ୍ସ, ଟିଭି ବିଜ୍ଞାପନ ଆଦି ଦ୍ୱାରା ଲୋକଙ୍କୁ ସଚେତନ କରିବାର ପ୍ରଚେଷ୍ଟା କରାଯାଉଛି । ବର୍ଷର ଅନ୍ୟାନ୍ୟ ସମୟରେ ମଧ୍ୟ ସଡ଼କ ଦୁର୍ଘଟଣାଜନିତ କ୍ଷୟକ୍ଷତି ରୋକିବା ପାଇଁ ବିଭିନ୍ନ ବିଭାଗ ତରଫରୁ ମାନସ ମନ୍ଥନ ହେଉଛି କିନ୍ତୁ ଫଳ ଘର ସୁନ । ତେବେ ଏଥି ନିମନ୍ତେ ଦାୟୀ କିଏ ? କେବଳ ଆମେ !! ଏବଂ ଆମ ମାନଙ୍କର ଉଦାସୀନତା ! ସରକାର ସବୁ କିଛି କରିବେ ନାହିଁ, ଦେଶର ଜଣେ ସଚେତନ ନାଗରିକ ହିସାବରେ ଆମ ମାନଙ୍କର ମଧ୍ଯ କିଛି ଦାୟିତ୍ୱବୋଧ ରହିବା ଆବଶ୍ୟକ । ଯେଉଁ ପର୍ଯ୍ୟନ୍ତ ଏହି ସବୁ ଗୁଣର ବିକାଶ ଆମେ ନିଜ ଭିତରେ ବିକଶିତ କରିବା ନାହିଁ ସେ ପର୍ଯ୍ୟନ୍ତ ଦେଶର ବିକାଶ କଳ୍ପନା କରିବା ହାସ୍ୟାସ୍ପଦ !

+ ଲେଖକ
କୁଶଳେଶ୍ୱର ଆଞ୍ଚଳିକ
ମହାବିଦ୍ୟାଳୟ
ମୋ: ୭୦୦୮୦୬୫୮୭୫

# ବିଷ୍ଣୁ କାହିଁକି ଶାଳଗ୍ରାମ ହେଲେ...



## ପଣ୍ଡିତ ସୋମନାଥ ଦାଶ

ଶାଳଗ୍ରାମ ହେଉଛି ବିଷ୍ଣୁଙ୍କ ଜୀବନ୍ତସ୍ୱରୂପ । ପ୍ରତ୍ୟେକ ନୈଷ୍ଠିକ ହିନ୍ଦୁଙ୍କ ଭିତରେ ଏହି ବିଶ୍ୱାସ ରହିଛି । ପ୍ରକୃତ କଥା ହେଉଛି ଶାଳଗ୍ରାମ ଏକ ପଥର ଭାବେ ଦେଖା ଦେଉଥିଲେ ବି ବାସ୍ତବରେ ତାହା ଜୀବନ୍ତ । ବହୁକ୍ଷେତ୍ରରେ ଏହାର ପରୀକ୍ଷିତ ହୋଇଛି । ପ୍ରତିଟି ବିଷ୍ଣୁଙ୍କ ମନ୍ଦିରରେ ଶାଳଗ୍ରାମ ଆମେ ଦେଖିବାକୁ ପାଉ । ଶାଳଗ୍ରାମ ହେଉଛି ଏକ କଳା ମୁଗୁନି ପଥର । ସତ୍ୟନାରାୟଣ ପୂଜା ସମୟରେ ଅନେକ ଦେଖିଥିବେ ପୂଜକ ବ୍ରାହ୍ମଣ ଜଣଙ୍କ ଶାଳଗ୍ରାମକୁ ନେଇ ଆସ୍ଥାନ ପାଖରେ ରଖି ସତ୍ୟନାରାୟଣ ପୂଜା ନିମନ୍ତେ ମନ୍ତ୍ର ପାଠ କରନ୍ତି । କେହି କେହି ଏହାକୁ ଶାଳଗ୍ରାମ ଶିଳା ବୋଲି ମଧ୍ୟ କହିଥାନ୍ତି । ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠେ ଯେ, ବିଷ୍ଣୁ କାହିଁକି ଶାଳଗ୍ରାମ ହେଲେ ? ଏହାର ଉତ୍ପତ୍ତି କିପରି ହେଲା ? ଆଧ୍ୟାତ୍ମିକ ପୌରାଣିକ କଥା ଅନୁଯାୟୀ ଭଗବାନ ବିଷ୍ଣୁ ନିଜେ ଶାପଗ୍ରସ୍ତ ହୋଇ ଶାଳଗ୍ରାମ ଶିଳାରେ ପରିଣତ ହୋଇଥିଲେ । ଏହି ଶାପ ଏତେ ଶକ୍ତିଶାଳୀ ଥିଲା ଯେ ଏ ଦୁନିଆର ସ୍ରଷ୍ଟା ଭଗବାନ ସୃଷ୍ଟିକର୍ତ୍ତା ଏହାକୁ ବଦଳାଇ ପାରି ନଥିଲେ । ମୁଣ୍ଡପାତି ଏହି ଅଭିଶାପକୁ ନିଜେ ଗ୍ରହଣ କରିଥିଲେ । କାରଣ ବିଷ୍ଣୁଙ୍କୁ ଅଭିଶାପ ଦେଇଥିବା ଭକ୍ତଙ୍କର ସେହିପରି ଶକ୍ତି ଥିଲା । ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟଭକ୍ତ ବୃନ୍ଦା ତାଙ୍କୁ ଶିଳା ହୋଇଯିବା ପାଇଁ ଅଭିଶାପ ଦେଇଥିଲେ । ଏହି ଶାଳଗ୍ରାମ ଶିଳାକୁ ବଜ୍ରକୀଟ ନାମକ ଏକ କୀଟ ନିଜର ମୁନିଆ ଦାନ୍ତରେ କାଟି ଗଣ୍ଡକି ନଦୀ ଜଳରେ ଛାଡ଼ିଦିଏ । ତାହା ସେହି ନଦୀ କୂଳରେ ଶାଳଗ୍ରାମ ଭାବେ ସଂଗ୍ରହ କରାଯାଏ । ତେଣୁ ଏହି ଶାଳଗ୍ରାମ ଶିଳା ସବୁଠାରେ ମିଳେନାହିଁ । ଆସନ୍ତୁ ଭଗବାନ ବିଷ୍ଣୁଙ୍କ ଏହି ଶାପପ୍ରାପ୍ତିର କାହାଣୀ ଓ ଶିଳାରେ ପରିଣତ ହେବାର ପୌରାଣିକ କଥା ଭିତରକୁ ଯିବା ।

ରାକ୍ଷସରାଜ ଜଳନ୍ଧରଙ୍କ ପତ୍ନୀ ଥିଲେ ବୃନ୍ଦା । ଶିବଙ୍କର ତୃତୀୟ ନୟନର କ୍ରୋଧ ଅଗ୍ନିରୁ ସେ ସୃଷ୍ଟି ହୋଇଥିଲେ । ସେହିପରି ଜଳନ୍ଧର ଜଣେ ଶକ୍ତିଶାଳୀ ଯୋଦ୍ଧା ଥିଲେ ଓ ବ୍ରହ୍ମାଙ୍କର ଅଶେଷ ବରପ୍ରାପ୍ତ ହୋଇଥିଲେ । କାଳନେମୀଙ୍କ କନ୍ୟା ବୃନ୍ଦାଙ୍କୁ ସେ ବିବାହ କରିଥିଲେ । ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତ ହୋଇଥିଲେ ଯେ ବୃନ୍ଦାଙ୍କ ସତୀତ୍ୱ ଅକ୍ଷୁର୍ଣ୍ଣ ଥିବା ପର୍ଯ୍ୟନ୍ତ ଜଳନ୍ଧରଙ୍କ ଶକ୍ତି ଓ ସାମର୍ଥ୍ୟ କମିବ ନାହିଁ ବା ସେ କାହାଠାରୁ ପରାସ୍ତ ହେବେନାହିଁ । ଏହି ବରପ୍ରାପ୍ତ ଦ୍ୱାରା ସେ ଅହଂକାରୀ ହୋଇଗଲେ ଓ ନିଜକୁ ଅଜେୟ ବୋଲି ଭାବିଲେ । ଜଳନ୍ଧର ଅହଂକାରୀ ହୋଇ ଦେବତା ମାନଙ୍କସହ ଯୁଦ୍ଧରେ ଲିପ୍ତ ରହିଲେ । ପରିଶେଷରେ ଶିବ ଦେବତାମାନଙ୍କ ପକ୍ଷରୁ ଜଳନ୍ଧର ସହିତ ଯୁଦ୍ଧରେ ଲିପ୍ତ ରହିଲେ । ଶିବ ଜଳନ୍ଧରର ଶକ୍ତି ଓ ସାମର୍ଥ୍ୟ ଜାଣିଥିଲେ । କିନ୍ତୁ ସେ ଶିବଙ୍କୁ ପରାଜିତ କରିବା ପାଇଁ ଅହଂକାରୀ ହୋଇ ମା'ପାର୍ବତୀଙ୍କ ସତୀତ୍ୱ ଭାଙ୍ଗିବା ପାଇଁ ଛଦ୍ମବେଶରେ ତାଙ୍କ ପାଖରେ ପହଞ୍ଚିଥିଲେ । ମା'ପାର୍ବତୀ ସବୁ ଜାଣିପାରି ନିଜ ଶକ୍ତି ବଳରେ ଛଦ୍ମବେଶୀ ଜଳନ୍ଧରର ସମସ୍ତ ମାୟାକୁ ଅଚଳ କରିଦେଲେ । ଜଳନ୍ଧରର ମୃତ୍ୟୁ ନିମନ୍ତେ ତାଙ୍କ ପତ୍ନୀର ସତୀତ୍ୱ ନଷ୍ଟ କରିବା ପାଇଁ ମା'ପାର୍ବତୀ ମା'ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । କିନ୍ତୁ ବିଷ୍ଣୁଙ୍କ ପରମଭକ୍ତ ଥିଲେ ବୃନ୍ଦା । ପାର୍ବତୀଙ୍କ ପରାମର୍ଶରେ ବିଷ୍ଣୁ ବୃନ୍ଦାଙ୍କ ନିକଟରେ ଜଳନ୍ଧରର ଛଦ୍ମବେଶରେ ପହଞ୍ଚିଲେ । ସ୍ୱାମୀଙ୍କ ସେବାକୁ ଗୁରୁତ୍ୱ ଦେଇ ନିଜକୁ ବିଷ୍ଣୁଙ୍କ ମାୟାକୁ ବୁଝି ନପାରି ସମର୍ପଣ କରିଦେଲେ ଯାହାଦ୍ୱାରା ବିଷ୍ଣୁ ବୃନ୍ଦାଙ୍କ ସତୀତ୍ୱ ନଷ୍ଟ କରିଦେଲେ । ଏହା ହେବାମାତ୍ରେ ଶିବଙ୍କ ହାତରେ ଜଳନ୍ଧର ନିହତ ହେଲା । କିଛି ସମୟ ଭିତରେ ନିଜ ସାଧନା ଦ୍ୱାରା ବୃନ୍ଦା ଏସବୁ ଜାଣିପାରିଲେ । ନିଜ ଆରାଧ୍ୟ ଠାକୁର ଛଳକରି ଏସବୁ କରିଥିବାରୁ ସେ ଦୁଃଖରେ ଭାଙ୍ଗିପଡ଼ିଲେ । ସେ ଭଗବାନ ବିଷ୍ଣୁଙ୍କୁ ଶାପ ଦେଲେ ଯେ ତାଙ୍କ ପତ୍ନୀଙ୍କୁ ଠିକ୍ ଏହିପରି ଛଳ କରି ହରଣ କରାଯିବ ଏବଂ ସେ ପତ୍ନୀଙ୍କୁ ବିକଳରେ ପାଗଳ ପ୍ରାୟ ଖୋଜିବୁଲିବେ । ଏହା ସହ ଆଉ ଏକ ଶାପ ଦେଇଥିଲେ ଯେ କୌଣସି ଆକାର ନଥିବା ଏକ କଳାପଥର ହୋଇଯାଅ । ଭକ୍ତ ବୃନ୍ଦାଙ୍କ ଶାପକୁ ଭଗବାନ ବିଷ୍ଣୁ ଗ୍ରହଣ କରିଥିଲେ ଓ ବୃନ୍ଦା ଅଗ୍ନିରେ ପ୍ରବେଶ କରି ଦେହତ୍ୟାଗ କଲେ । ତେବେ ଭଗବାନ ବିଷ୍ଣୁ ବୃନ୍ଦାଙ୍କ ଭକ୍ତି ଓ ସତୀତ୍ୱରେ ଅଭିଭୂତ ହୋଇ ବରପ୍ରଦାନ କରିଥିଲେ ଯେ ବୃନ୍ଦାଙ୍କ ଶରୀର ଯେଉଁଠାରେ ପାଉଁଶ ହୋଇଥିଲା ସେଠାରେ ଯେଉଁ ଗଛ ଉଠିବ ତାହା ହେବ ପବିତ୍ର ତୁଳସୀ ଯାହାକି ଭଗବାନଙ୍କ ସମର୍ପଣରେ ଲାଗିବା ସହ ପୂଜାବୃକ୍ଷ ଭାବେ ମାନ୍ୟତା ପାଇବ । ଏହି ତୁଳସୀ ଗଛର ବିବାହ ଶାଳଗ୍ରାମ ସହିତ ହେଲା । ଏହାଫଳରେ ବୃନ୍ଦାଙ୍କ ସତୀତ୍ୱ ରହିବା ସହ ସବୁଦିନ ପାଇଁ ସେ ବିଷ୍ଣୁପ୍ରାପ୍ତ ହେଲେ ।

ଦେବ ଉତ୍ଥାପନ ଏକାଦଶୀରେ ତୁଳସୀଙ୍କ ସହିତ ଶାଳଗ୍ରାମ ବିବାହ ଏକ ପବିତ୍ର କାର୍ଯ୍ୟ ଭାବେ ହିନ୍ଦୁ ବିଚାରରେ ରହିଛି । ଆମ ଓଡ଼ିଶାରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପଞ୍ଚକ ହୁଏ ଓ ପଞ୍ଚକ ପାଞ୍ଚଦିନ ତୁଳସୀ ଚଉରାମୂଳେ ମୁରୁଜ ପଡ଼େ ଓ ବିଭିନ୍ନ ଭୋଗ ସମର୍ପଣ ହୋଇ ବୃନ୍ଦାଙ୍କର ପୂଜା ହୁଏ । ଏହିଦିନ ତୁଳସୀ ବିବାହ କାର୍ଯ୍ୟକଲେ ଗୃହରେ ଶାନ୍ତି ଓ ଐଶ୍ୱର୍ଯ୍ୟର ଅଭାବ ହୁଏନାହିଁ । ତୁଳସୀ ବିବାହ ଦିନ ଦମ୍ପତିମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସ ରୁହନ୍ତି । ସଂନ୍ଧ୍ୟାରେ ବିବାହ ଉତ୍ସବ ସମାପିତ ହୁଏ । ବିଶ୍ୱାସ ରହିଛି ଯେ ତୁଳସୀ ଗଛରେ ବୃନ୍ଦାଙ୍କର ଆତ୍ମା ରହିଥାଏ । ତେଣୁ ତୁଳସୀଗଛକୁ ବୃନ୍ଦାବତୀ ଭାବେ ପୂଜା କରାଯାଏ ଓ ଆଧ୍ୟାତ୍ମିକ ବିଶ୍ୱାସ ରହିଛି ଯେ ବୃନ୍ଦାଙ୍କ ଆତ୍ମା ରାତିରେ ତୁଳସୀ ଗଛରେ ରହେ ଓ ସକାଳେ ଏହା ଅନ୍ତର୍ନିହିତ ହୋଇଯାଏ । ତେଣୁ ସଂନ୍ଧ୍ୟାପରେ ତୁଳସୀଗଛ ଚାରିପଟେ ଥିବା ଶାନ୍ତ ପରିବେଶକୁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ ଅନୁଚିନ୍ତନରେ ନୀରବତାର ସହକାରେ ବସିଥାନ୍ତି । ତୁଳସୀ ବିବାହରେ ଉଭୟେ ଶାଳଗ୍ରାମ ଓ ବୃନ୍ଦାଙ୍କୁ ଫୁଲରେ ସଜାଯାଏ । ସେମାନଙ୍କୁ ଏକ ତୁଳା ସୂତାରେ ସଂଯୋଗ କରାଯାଏ । ସ୍କନ୍ଧପୁରାଣରେ ଉଲ୍ଲେଖ ଅଛି ଯେ, ବିଷ୍ଣୁଙ୍କୁ ପୂଜା କରିବାର ଉତ୍ତମ ମାଧ୍ୟମ ହେଉଛି ଶାଳଗ୍ରାମ ପୂଜା । ଗୌତମୀୟ ତନ୍ତ୍ରରେ ଉଲ୍ଲେଖ ଅଛି ଯେ, ଶାଳଗ୍ରାମ ଶିଳାକୁ ସ୍ନାନ କରାଇବାରେ ପରେ ସେହି ପାଣିକୁ ଭକ୍ତମାନେ ନେଇ ପାନ କଲେ ଆତ୍ମା ତୃପ୍ତ ଓ ପବିତ୍ର ହୋଇଯାଏ ଏବଂ ସମସ୍ତ ପାପ ଧୋଇଯାଏ । ପଦ୍ମପୁରାଣରେ ବର୍ଣ୍ଣିତ ହୋଇଛି ଯେ ଶାଳଗ୍ରାମଙ୍କ ଗାଧୁଆ ପାଣିରେ ଗଙ୍ଗା, ଗୋଦାବରୀ ସମେତ ସବୁ ତୀର୍ଥନଦୀର ଜଳ ରହିଛି ଏହାକୁ ପାନ କଲେ ମୋକ୍ଷ ନିଶ୍ଚିନ୍ତ ।

ଶାଳଗ୍ରାମ ବିଭିନ୍ନ ପ୍ରକାର ରହିଥିଲେ ବି ମୁଖ୍ୟତଃ ଏହା ଏଗାର ପ୍ରକାରର । ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ । ପ୍ରଥମ ଶାଳଗ୍ରାମର ପ୍ରକାର ହେଉଛି ମତ୍ସ୍ୟଶାଳଗ୍ରାମ ଶିଳା । ଘରେ ଶାନ୍ତି ଓ ପବିତ୍ରତାର ବାତାବରଣକୁ ବଜାୟ ରଖିବା ପାଇଁ ଏହାକୁ ପୂଜା କରାଯାଏ । ସେହିପରି କୁର୍ମ ଶାଳଗ୍ରାମ ଶିଳା ପୂଜା କଲେ ଧୈର୍ଯ୍ୟବୃଦ୍ଧି ପ୍ରାପ୍ତ ସହ ଏକାଗ୍ରତା ବଢ଼େ ଓ ଧନସମ୍ପତ୍ତିର ଅଭାବ ରହେନା । ବିଷ୍ଣୁଙ୍କ ଦଶଅବତାର ମଧ୍ୟରୁ କୁର୍ମ ଅବତାର ହେଉଛି ଦ୍ୱିତୀୟ ଅବତାର । ବରାହ ଶାଳଗ୍ରାମ ଶିଳାର ତାତ୍ପର୍ଯ୍ୟତା ହେଉଛି ଏହା ପୂଜା ଦ୍ୱାରା ଦୈବୀ ସୁରକ୍ଷା ମିଳେ ଓ ପାପଶକ୍ତିର ବିନାଶ ହୁଏ । ନରସିଂହ ଅବତାରରେ ପ୍ରଭୁ ଅଧା ମଣିଷ ଓ ଅଧା ସିଂହ ରୂପରେ ଥିଲେ । ସେହିପରି ନରସିଂହ ଶାଳଗ୍ରାମକୁ ଆରଧାନ କଲେ ଶତ୍ରୁର ବିନାଶ ହୋଇଥାଏ ଓ ଭକ୍ତ ନିର୍ଭୟ ଓ ଅଜୟ ହୋଇଥାଏ । ସମାଜରେ ସମ୍ମାନ ଓ ମର୍ଯ୍ୟାଦା ସହ ସବୁ କାର୍ଯ୍ୟରେ ସଫଳତା ମିଳେ କୃଷ୍ଣ ଶାଳଗ୍ରାମ ପୂଜା ଦ୍ୱାରା । ସୂର୍ଯ୍ୟନାରାୟଣ ଶାଳଗ୍ରାମ ବା ସୂର୍ଯ୍ୟଶାଳଗ୍ରାମ ସ୍ୱୟଂ ବିଷ୍ଣୁ । ଏହା ପୂଜା ଦ୍ୱାରା ଭକ୍ତ ସୂର୍ଯ୍ୟଙ୍କ ପରି ତେଜୀୟାନ ହୋଇଥାଏ । ଦୁର୍ଘଟଣା ଓ ଦୁର୍ଭାଗ୍ୟରୁ ଏହା ମୁକ୍ତ ରଖିବା ସହ ଶକ୍ତି ବଢ଼ାଇଥାଏ । ଶିବଶାଳଗ୍ରାମ ହେଉଛି ଶୁଭର ପ୍ରତୀକ । ଏହା ପୂଜା ପ୍ରାପ୍ତି ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ଓ ଶାନ୍ତି ବିରାଜମାନ ହୁଏ । ମହାଲକ୍ଷ୍ମୀ ଶାଳଗ୍ରାମ ପୂଜା ଦ୍ୱାରା ଘରେ ଧନସମ୍ପତ୍ତି ବୃଦ୍ଧି ପାଏ । ଅଭାବ କିଛି ରହେନାହିଁ ଓ ବ୍ୟବସାୟ ଓ ବାଣିଜ୍ୟ ସମୃଦ୍ଧ ହୁଏ । ଗଣେଶ ଶାଳଗ୍ରାମ ପୂଜା ଦ୍ୱାରା ସମସ୍ତ ବିଘ୍ନର ବିନାଶ ହେବା ସହ ସଫଳତା ମିଳେ । ଲକ୍ଷ୍ୟ ହାସଲ ଓ ନିଜ କାର୍ଯ୍ୟ ଠିକ୍ ଭାବେ ସମାପିତ ହୁଏ । ମହାବିଷ୍ଣୁ ଶାଳଗ୍ରାମ ପୂଜା ଦ୍ୱାରା ଅସରନ୍ତି ଆନନ୍ଦ ଲାଭ ପ୍ରାପ୍ତ ସହ ସବୁ ବାଧାବିଘ୍ନ ଦୂର ହୁଏ । ବିଶ୍ୱାସ ରହିଛି ଦଶଅବତାରର ସବୁଗୁଣ ଏହି ଶାଳଗ୍ରାମରେ ରହିଛି । ଭଗବାନ ନାରାୟଣ ଓ ମା'ଲକ୍ଷ୍ମୀଙ୍କ ପ୍ରତ୍ୟକ୍ଷ ପ୍ରତିନିଧି ଲକ୍ଷ୍ମୀନରାୟଣ ଶାଳଗ୍ରାମ ବୋଲି ବିଶ୍ୱାସ ରହିଛି । ଭକ୍ତି ଆରଧାନା ସହ ପୂଜା କଲେ ଘର ବୈକୁଣ୍ଠରେ ପରିଣତ ହୁଏ । ଶାନ୍ତି ସମୃଦ୍ଧି ବଢ଼େ ଓ ଅଭାବ, ଅନାଟନ ଘରେ ଦେଖାଯାଏନା । ସେହିପରି ଭଗବାନ ନରସିଂହ ଓ ମା'ଲକ୍ଷ୍ମୀଙ୍କ ପ୍ରତ୍ୟକ୍ଷ ଅବତାର ହେଉଛି ଲକ୍ଷ୍ମୀନୃସିଂହ ଶାଳଗ୍ରାମ । ସମସ୍ତ ଶାଳଗ୍ରାମ ଭିତରେ ଏହା ହେଉଛି ଅତ୍ୟନ୍ତ ଦୁଷ୍ପ୍ରାପ୍ୟ । ଏହାକୁ ପୂଜା କରିବା ଦ୍ୱାରା ଶତ୍ରୁ ଭୟ ବିନାଶ ହୁଏ, ଘରର ସମସ୍ତେ ଅଶେଷ ସୌଭାଗ୍ୟ ପ୍ରାପ୍ତି ହୁଅନ୍ତି, ସମସ୍ତଙ୍କର ଇଚ୍ଛାପୂର୍ଣ୍ଣ ହୁଏ । ଆଧ୍ୟାତ୍ମିକ ଜୀବନରେ ଯେ କୌଣସି ଶାଳଗ୍ରାମ ହୁଅନ୍ତୁନା କାହିଁକି ଏହା ଧୌତ ହୋଇଥିବା ଜଳ ପଞ୍ଚାମୃତ ଠାରୁ ଅତ୍ୟନ୍ତ ପବିତ୍ର । ଘରେ ଶାଳଗ୍ରାମ ରଖି ପୂଜାକଲେ ଅଖଣ୍ଡ ଶାନ୍ତି ଓ ସନ୍ତୋଷ ମିଳେ । ଭଗବାନ ବିଷ୍ଣୁଙ୍କ ସ୍ୱରୂପ ଏହି ଶାଳଗ୍ରାମ ହୋଇଥିବାରୁ ହିନ୍ଦୁ ଆଧ୍ୟାତ୍ମିକ ଚିନ୍ତନରେ ଏହାର ସ୍ଥାନ ସର୍ବୋଚ୍ଚ ଉର୍ଦ୍ଧ୍ୱରେ ।

+କର୍ମକାଣ୍ଡ ବିଶାରଦ ଓ
ଜ୍ୟୋତିଷ ପରାମର୍ଶଦାତା, 'ମା
ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭,
ସିଡିଏ, କଟକ,
ମୋ: ୭୦୦୮୦୦୦୮୯୮

## କବିତା କୋଣାର୍କ

# ମଲାପରେ ଯାହା ଅମର



## ମୋହନ କୁମାର ସ୍ୱାଇଁ

କେହି ରହିବନି ଧରଣୀ ବକ୍ଷରେ
କାଳ ବଳେ ଯିବେ ସରି
ଯାହା ସଂଚିଥିବେ ଅଣ୍ଡାଳି ଉଣ୍ଡୁଳି
ଛାଡ଼ିଯିବେ ଖୋଲା କରି
ସ୍ଥିର ଏ ଯୋଜନା ସବୁ
ମଲାପରେ ଯାହା ଅମର ରୁହଇ
କାନଦେଇ ଶୁଣ ବାବୁ ।
ଜୀବନରେ ଯେତେ ସୁକ୍ଷାତି ବାବୁରେ
ଅରଜିକି ଯାଇଥିବ
ସାତ ଜନମରେ ସେହିସବୁ ପୁଞ୍ଜି
ତୋତେ ମନେ ପକାଇବ
ଉଣା ହେବ ନାହିଁ କେବେ
ପୁରୁଣା ହେଲେବି ଓଜନ ତାହାର
ବଢ଼ିବଢ଼ି ଯିବ ଭବେ ।

ଉପକାର କା'ର କେବେ କରିଥିଲେ
ଲଙ୍କା ଗଛ ପରି ହୋଇ
ପରିଶୋଧ ସିଏ କରୁଥିବ ତାର
ଦେଖି ପାରିବୁନି ତୁହି
ରହିଥିବ ସବୁ ମନେ
କୋଉ ବାଟରେ
ସେ ଫେରି ତ ଆସିବଞ୍ଚ
କେବେବି ଦିନେନା ଦିନେ ।

କରମ ଭିତରେ ଭଲ ମନ୍ଦ ପରି
ସୁକର୍ମ ଟିଏ ବି ଅଛି
ଯାହାର ଫଳଟି ବିଳମ୍ବ ହେଲେବି
ଅମର ତାହାର ମଞ୍ଜି
ଯେଉଁଠି ପଡ଼ଇ ତାହା
ମହାଦ୍ରୁମ ହୋଇ କାଳକାଳ ପାଇଁ
ହୁଏ ତୁମ ପାଇଁ ଥୁଆ ।

ଅବଦାନ ପାଇଁ ଠାକୁର ସଜେଇ
ଫୁଲମାଳ ଦେବେ ଲୋକେ
ଦେବତା ସମାନ ବାଟରେ ଘାଟରେ
ଶୋଭା ପାଇବ ତୋ ବେକେ
ଟଙ୍କା, ସୁନା, ଘର ଥିବ
ମଲା ପରେ ଯାହା ଆମର ରହିବ
ଧ୍ୟାନ ଦେଇ ଅରଜିବ ।

+ବେଣାପୁର, କଣ୍ଟିଗଡିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ଅନ୍ତରେ ପ୍ରଶଂସା କର

## ଦୀନବନ୍ଧୁ ପୋଇ

ଆମେ ଯେ ମଣିଷ ଜୀବରେ ସରସ
ପୁରାଣେ ରହିଛି ଲେଖା
ଭଲ ମନ୍ଦ କ'ଣ ମଣିଷ ହିଁ ଜାଣେ
ଦିଅଇ ଅନ୍ୟକୁ ଶିକ୍ଷା ।

ମନ୍ଦକୁ ଦୂରେଇ ଭଲକୁ ଶିଖଇ
ସମାଜ ଭିତରେ ରହି
ଅନ୍ୟକୁ ଖରାପ ସଜାଇଲା ଭଳି
କାମଟି ନକର କେହି ।

ଦରକାର ବେଳେ ନିଜ ସ୍ୱାର୍ଥ ପାଇଁ
କପଟତା କର ନାହିଁ
କରିଲେ କପଟ ହେବ ଛଟପଟ
କାଳ ଯେ ରହିଛି ଚାହିଁ ।

କାଲି ବୋଲି କେହି ଦେଖି ନାହିଁ ତାହା
ଗତ ଓ ଆଜି ରହିଛି
ଶରୀର ଅବଶ ବଢିଲେ ବୟସ
ରୂପ ରହିବନି କିଛି ।

ହେଉ ସେ ଗରିବ ଅବା କେ ମୁରୁଖ
ସବୁରିର ଅଛି ଲୋଡା
ନିଜେ ବଡ ବୋଲି ଗର୍ବ କର ନାହିଁ
ଅଛି ତାବଡ଼ା ତାବଡ଼ା ।

ଗଛ ତଳ ଛାଇ ପାଖରେ ବସାଇ
ଉପସମ କରେ ବ୍ୟଥା
ତଥାପି ମଣିଷ ଫଳଟିଏ ପାଇଁ
ମାରିଥାଏ ଗୋଟେ ଟେକା ।

ପାଇ ଉପକାର ନଭୁଲ କାହାର
ଅନ୍ତରେ ପ୍ରଶଂସା କର
ଲୋକ ଦେଖାଣିଆ ଧନ୍ୟବାଦ ଦେଇ
ମନ ଦୂଷିତ ନ କର ।

+ଗୋରଡ଼ା ପାଳ,
କରମୁଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨




ଆଜିକାଲି ମୋବାଇଲ୍ ଯୁଗ ଜୋର ଧରିଛି। ପିତାମାତାମାନେ ପ୍ରାୟତଃ ପିଲାମାନଙ୍କୁ ଚୁପ୍ ରଖିବା ପାଇଁ ସେମାନଙ୍କ ମୋବାଇଲ୍ ଫୋନ୍ ହାତରେ ଦିଅନ୍ତି। ଏହି ଅଭ୍ୟାସ କେତେ ବିପଦପୂର୍ଣ୍ଣ ହୋଇପାରେ ଆସନ୍ତୁ ଆମେ ବର୍ଣ୍ଣନା କରିବା। ଆଜିକାଲି ଅନେକ ପିତାମାତା କୌଣସି କାରଣ ନଥାଇ ଛୋଟ ପିଲାମାନଙ୍କୁ ମୋବାଇଲ୍ ଫୋନ୍ ଦିଅନ୍ତି, କିନ୍ତୁ ନୂତନ ଗବେଷଣା ଚିନ୍ତା ବଢାଇ ଦେଉଛି। ଏକ ଅଧ୍ୟୟନ ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ସ୍ମାର୍ଟଫୋନ୍ ପାଇବା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ କମ୍ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପିଲାମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍, ନିଦ୍ରା ଅଭାବ ଏବଂ ସ୍ଥୂଳକାୟତା ହେବାର ସମ୍ଭାବନା ଅଧିକ ଥାଏ।

ଏହି ଗବେଷଣା ଆମେରିକାର ୧୦ ହଜାରରୁ ଅଧିକ ପିଲାଙ୍କ ତଥ୍ୟ ଉପରେ ଆଧାରିତ, ଯେଉଁଥିରେ ଦେଖାଯାଇଛି ଯେ ୧୨ ବର୍ଷ ବୟସ ପୂର୍ବରୁ ଫୋନ୍ ଥିବା ପିଲାମାନଙ୍କ ନିଦ ଏବଂ ମାନସିକ ଅବସ୍ଥା ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବିତ ହୋଇଥିଲା।

ଗବେଷକଙ୍କ ଅନୁସାରେ, ଯେତେ ଛୋଟ ପିଲାମାନେ ସ୍ମାର୍ଟଫୋନ୍ ଗ୍ରହଣ କରିବେ, ସେମାନଙ୍କର ପରବର୍ତ୍ତୀ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ସେତେ ଗୁରୁତର ହେବ। ବିଶେଷକରି, ଖରାପ ନିଦ୍ରା ଅଭ୍ୟାସ ଏବଂ ଓଜନ ବୃଦ୍ଧି କମ ବୟସରୁ ଆରମ୍ଭ ହୋଇଥିଲା।

ଅଧ୍ୟୟନର ମୁଖ୍ୟ ଲେଖକ, ଶିଶୁ ମନସ୍ତତ୍ତ୍ୱବିତ୍ ରାନ୍ ବାର୍ଜିଲେ କହିଛନ୍ତି ଯେ ଗବେଷଣାରେ ପିଲାମାନେ ପ୍ରକୃତରେ ସେମାନଙ୍କ ଫୋନରେ କ'ଣ କରନ୍ତି ତାହା ମଧ ଦେଖାଯାଇନାହିଁ। କେବଳ ଫୋନ୍ ରଖିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିବା ପରି ମନେ ହେଉଛି।

ଏକ ବର୍ଷର ତୁଳନାରୁ ଏହା ମଧ ଜଣାପଡିଛି ଯେ ଯେଉଁ ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିଲା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେହି ପିଲାମାନଙ୍କ ତୁଳନାରେ ଭଲ ଥିଲା ଯେଉଁମାନେ ପାଖରେ ସ୍ମାର୍ଟଫୋନ୍ ଥିଲା। ଟାବଲେଟ୍ କିମ୍ବା ଅନ୍ୟ ଡିଭାଇସ୍ ଥିବା ସତ୍ତ୍ୱେ, ଫଳାଫଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

# ପଲିଥିନରେ ପୁରାଇ ଫ୍ରିଜରେ ରଖୁଛନ୍ତି କି ପରିବା ? ତେବେ ହୋଇଯାଆନ୍ତୁ ସାବଧାନ



ପ୍ରାୟତଃ, ଲୋକମାନେ ବଜାରରୁ କିଣିଥିବା ପନିପରିବା ପ୍ୟାକିଂ କରି ସିଧାସଳଖ ରେଫ୍ରିଜରେଟର(ଫ୍ରିଜ)ରେ ରଖନ୍ତି। ଏହି ପଦ୍ଧତିଟି ସରଳ ମନେହୁଏ, କିନ୍ତୁ ଏହି ଅଭ୍ୟାସ ଧୀରେ ଧୀରେ ସ୍ୱାସ୍ଥ୍ୟ ପାଇଁ ବିପଦ ପାଲଟିପାରେ। ପନିପରିବା ପଲିଥିନ୍ ବ୍ୟାଗ ଭିତରେ ରଖିବା ଦ୍ୱାରା ଆର୍ଦ୍ରତା ଏବଂ ଉତ୍ତାପ ଭିତରେ ଫସି ରହିଥାଏ, ଯାହା ଫଳରେ ସେଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଏ। ଅନେକ ଲୋକ ଭାବନ୍ତି ଯେ ସେଗୁଡ଼ିକୁ ରେଫ୍ରିଜରେଟରରେ ରଖିବା ଠିକ୍, କିନ୍ତୁ ପନିପରିବା ପଲିଥିନରେ ଗୁଡ଼ାଇ ରେଫ୍ରିଜରେଟରରେ ରଖାଗଲେ, ବାୟୁ ସଞ୍ଚାଳନ ବନ୍ଦ ହୋଇଯାଏ। ଏହା ଆର୍ଦ୍ରତା ଜମା କରେ ଏବଂ ବ୍ୟାକ୍ଟେରିଆ ଦ୍ରୁତ ଗତିରେ ବୃଦ୍ଧି ପାଏ। ସବୁଜ ପତ୍ରଯୁକ୍ତ ପନିପରିବା ଆହୁରି ଶୀଘ୍ର ନଷ୍ଟ ହୁଏ। ଏଗୁଡ଼ିକ ବାହାରରୁ ଠିକ୍ ଦେଖାଯାଇପାରେ, କିନ୍ତୁ ଭିତରେ ପଚିଯାଏ। ଅନେକ ଲୋକ ଏହି ପନିପରିବାଗୁଡ଼ିକୁ ଜାଣି ନ ପାରି ଖାଆନ୍ତି, ଯାହା ଖାଦ୍ୟର ସ୍ୱାଦ ନଷ୍ଟ କରେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ।

ଏପରି ନଷ୍ଟ କିମ୍ବା ପଚିଯାଉଥିବା ପନିପରିବା ଖାଇବା ଧୀରେ ଧୀରେ ଶରୀରକୁ ପ୍ରଭାବିତ କରିପାରେ। ପେଟ ଯନ୍ତ୍ରଣା, ଗ୍ୟାସ୍ ଏବଂ ଖାଦ୍ୟ ବିଷାକ୍ତ ହେବା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ସବୁଠାରୁ ବଡ଼ ଚିନ୍ତା ହେଉଛି ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିବା ଦ୍ୱାରା ମାଇକ୍ରୋପ୍ଲାଷ୍ଟିକ୍ କଣିକା ମଧ ଖାଦ୍ୟରେ ମିଶିପାରେ, ଯାହା ଦୀର୍ଘକାଳୀନ କ୍ଷତି କରିପାରେ। ଏହି ପ୍ରଭାବ ତୁରନ୍ତ ସ୍ପଷ୍ଟ ହୁଏ ନାହିଁ, କିନ୍ତୁ ଏହା ଧୀରେ ଧୀରେ ଶରୀରକୁ ଦୁର୍ବଳ କରିଦିଏ। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ରେଫ୍ରିଜରେଟରରେ ରଖାଯାଇଥିବା ଜିନିଷଗୁଡ଼ିକ ସମ୍ପୂର୍ଣ୍ଣ ନିରାପଦ, କିନ୍ତୁ ଏହି ବିଶ୍ୱାସ ସମ୍ପୂର୍ଣ୍ଣ ଭୁଲ। ରେଫ୍ରିଜରେଟର କେବଳ ଥଣ୍ଡା ପ୍ରଦାନ କରେ, କିନ୍ତୁ ଏହା ପଲିଥିନରେ ଖାଦ୍ୟ ନଷ୍ଟକୁ ରୋକିପାରିବ ନାହିଁ। ଯଦି ପନିପରିବାଗୁଡ଼ିକୁ ନ ଧୋଇ ପଲିଥିନରେ ବନ୍ଦ କରାଯାଏ, ତେବେ ସେଥିରେ ଜୀବାଣୁ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇପାରେ। ତେଣୁ, କେବଳ ରେଫ୍ରିଜରେଟର ଉପରେ ନିର୍ଭର କରିବା ଉଚିତ୍ ନୁହେଁ। ବିଶେଷଜ୍ଞଙ୍କ ମତରେ, ପଲିଥିନ ଭିତରେ ପରିବା ରଖିବା ଦ୍ୱାରା ଅମ୍ଳଜାନର ଅଭାବ ଯୋଗୁଁ, ପନିପରିବାଗୁଡ଼ିକରେ ଇଥିଲିନ୍ ଗ୍ୟାସ୍ ନାମକ ଏକ ପ୍ରକାର ଗ୍ୟାସ୍ ସୃଷ୍ଟି ହେବା ଆରମ୍ଭ ହୁଏ। ଏହି ଗ୍ୟାସ କେବଳ ପନିପରିବାଗୁଡ଼ିକୁ ଶୀଘ୍ର ନଷ୍ଟ କରେ ନାହିଁ, ବରଂ ଧୀରେ ଧୀରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଭିଟାମିନ୍ ଭଳି ଆବଶ୍ୟକୀୟ ପୋଷକ ତତ୍ତ୍ୱକୁ ମଧ ହ୍ରାସ କରେ। ଆଜିର ବ୍ୟସ୍ତମୟ ଜୀବନରେ, ଆମେ ପ୍ରାୟତଃ ସରଳ ପଦ୍ଧତି ଅବଲମ୍ବନ କରୁ ଯାହା ଶୀଘ୍ର ସମସ୍ୟାଜନକ ହୋଇପଡ଼େ। ତେଣୁ, ପନିପରିବା ସଠିକ୍ ଭାବରେ ସଂରକ୍ଷଣ କରିବା କେବଳ ପରିଷ୍କାର ପରିଚ୍ଛନ୍ନତାର ବିଷୟ ନୁହେଁ, ବରଂ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ମଧ ହୋଇଥାଏ।




ପିଆଜ ରସ କେଶ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ବୋଲି ବିଶେଷଜ୍ଞମାନେ ଏହାକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ଯଦି ଆପଣ ମଧ ଲମ୍ବା ଏବଂ ଘନ କେଶ ଚାହୁଁଛନ୍ତି, ତେବେ ଏହାକୁ କିପରି ଲଗାଇବେ ଆସନ୍ତୁ ଆମେ ଆପଣଙ୍କୁ କହିବୁ। ପିଆଜ ରସରେ ସଲଫର ପରିମାଣ ଅଧିକ ଥିବାରୁ ଏହା କେଶ ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ଏକ ସୁସ୍ଥ ମୁଣ୍ଡର କେଶକୁ ପ୍ରୋତ୍ସାହିତ କରେ ଏବଂ କେଶ ମୂଳକୁ ମଜବୁତ କରେ।

## ଆସନ୍ତୁ ଜାଣିବା ଏହାକୁ କିପରି ପ୍ରୟୋଗ କରିବେ:

♦ଅନେକ ଲୋକ ପିଆଜ ରସକୁ ଏହାର ତୀବ୍ର ଏବଂ କଟୁ ଗନ୍ଧ ଯୋଗୁଁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏହାର ଗନ୍ଧ ବିଷୟରେ ଚିନ୍ତା କରି ଲାଭରୁ ବଞ୍ଚିତ ହେଉଛନ୍ତି। ପିଆଜ ରସକୁ କିଛି ପ୍ରାକୃତିକ ଉପାଦାନ ସହିତ ମିଶାଇ ଏହାର ଦୁର୍ଗନ୍ଧକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଲୋଭେରା ଜେଲ୍, ନଡ଼ିଆ ତେଲ, କିମ୍ବା ଲେମ୍ବୁ ରସ ମିଶାଇ କେଶର ଦୁର୍ଗନ୍ଧ ହ୍ରାସ କରିପାରିବ ଏବଂ ଆପଣଙ୍କ କେଶକୁ ଅତିରିକ୍ତ ପୋଷଣ ଯୋଗାଇପାରିବ।

♦ପିଆଜ ରସ ଲଗାଇବା ପାଇଁ ଏକ କପା ପ୍ୟାଡ୍ କିମ୍ବା ଡ୍ରପର୍ ବ୍ୟବହାର କରିବା ଭଲ। ଏହା ନିଶ୍ଚିତ କରେ ଯେ ରସ ସିଧାସଳଖ ମୁଣ୍ଡରେ ପହଞ୍ଚିବ ଏବଂ ଆହୁରି ପ୍ରଦୂଷଣକୁ ରୋକିବ। ପ୍ରୟୋଗ ପରେ ମିଶ୍ରଣକୁ ଧୀରେ ଧୀରେ ମାଲିସ୍ କରିବା ଲାଭଦାୟକ।

♦ରସ ଲଗାଇବା ପରେ, ଏହାକୁ ୨୦ରୁ ୩୦ ମିନିଟ୍ ପାଇଁ ମୁଣ୍ଡରେ ଛାଡିଦେବା ଉଚିତ। ଏହି ସମୟ ମଧ୍ୟରେ, ଏହାର ପୋଷକ ତତ୍ତ୍ୱ କେଶ ମୂଳରେ ଭଲ ଭାବରେ ଶୋଷିତ ହୋଇଯାଏ ଏବଂ ପ୍ରଭାବ ଦେଖାଇବା ଆରମ୍ଭ କରେ।

♦କେଶ ଧୋଇବା ସମୟରେ, ଦୁର୍ଗନ୍ଧକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଏକ ମୃଦୁ କିମ୍ବା ହର୍ବାଲ ସାମ୍ପୁ ବ୍ୟବହାର କରନ୍ତୁ। ଆବଶ୍ୟକ ହେଲେ, ଆପଲ୍ ସାଇଡର୍ ଭିନେଗାର କିମ୍ବା ଲେମ୍ବୁ ପାଣିରେ ଧୋଇ ଦିଅନ୍ତୁ, କିନ୍ତୁ ଗରମ ପାଣି ପରିହାର କରନ୍ତୁ।

♦ସର୍ବୋତ୍ତମ ଫଳାଫଳ ପାଇଁ ସପ୍ତାହରେ ଥରେ ପିଆଜ ରସ ବ୍ୟବହାର କରିବା ଯଥେଷ୍ଟ। ବାରମ୍ବାର ପ୍ରୟୋଗ ଦ୍ୱାରା ମୁଣ୍ଡରେ ଜ୍ୱଳନ ହୋଇପାରେ ଏବଂ ଦୁର୍ଗନ୍ଧ ବୃଦ୍ଧି ପାଇପାରେ।

**ସିଖ କବାବ ଭାରତର ପ୍ରିୟ ରେସିପି ମଧ୍ୟରୁ ଗୋଟିଏ। ଏହା ମୋଗଲ ଯୁଗରୁ ତିଆରି ହୋଇଆସୁଛି। ସିଖ କବାବ ଚିକେନ୍ ଏବଂ ମଟନ୍ ଉଭୟରେ ତିଆରି କରାଯାଏ। ଏହାର ସ୍ୱାଦ ବହୁତ ସ୍ୱାଦିଷ୍ଟ ଏବଂ ମସଲାଦାର ହୋଇଥାଏ। ଆପଣ ଏହାକୁ ସନ୍ଧ୍ୟାରେ ଏକ ସ୍ନାକ୍ସ ଭାବରେ ମଧ ଖାଇପାରିବେ।**

## ଚିକେନ୍ କବାବ୍ ପ୍ରସ୍ତୁତ ପାଇଁ ସାମଗ୍ରୀ

ଚିକେନ୍: ୫୦୦ ଗ୍ରାମ
ଲେମ୍ବୁ ରସ: ୨ ଚାମଚ
କ୍ରିମ୍: ୨ ଚାମଚ
କଟା ପିଆଜ: ୧
ଧନିଆ ପତ୍ର: ୧/୨କପ୍
ଅଦା ରସୁଣ ପେଷ୍ଟ: ୨ ଚାମଚ
ଚଣା ମଇଦା: ୩ ଚାମଚ
ଧନିଆ ପାଉଡର: ୧ ଚାମଚ
ଲଙ୍କା ପାଉଡର: ୧ ଚାମଚ
ହଳଦୀ ପାଉଡର: ୧/୨ ଚାମଚ
ଜୀରା ପାଉଡର: ୧/୨ ଚାମଚ
ଗରମ ମସଲା: ୧ ଚାମଚ
ଲୁଣ: ସ୍ୱାଦ ଅନୁସାରେ ୧ ଚାମଚ




## ସିଖ କବାବ୍ ତିଆରି କରିବାର ପଦ୍ଧତି ଖୁବ ସହଜ

ପ୍ରଥମେ କଣ୍ଟା ନଥିବା ୫୦୦ ଗ୍ରାମ କଞ୍ଚା ଚିକେନକୁ ଗ୍ରାଇଣ୍ଡର କରି ଦିଅନ୍ତି। ସେଥିରେ ଲେମ୍ବୁ ରସ ଓ କ୍ରିମ ମିଶାଇ କିଛି ସମୟ ପାଇଁ ରଖନ୍ତୁ। ୧୦ରୁ ୧୫ ମିନିଟ ରଖିବା ପରେ ସେଥିରେ ବେସନ, ପିଆଜ, ସବୁଜ ଲଙ୍କା, ଅଦା-ରସୁଣ ପେଷ୍ଟ, ଏବଂ ସମସ୍ତ ମସଲା (ଧନିଆ ପାଉଡର, ଲଙ୍କା ପାଉଡର, ହଳଦୀ ପାଉଡର, ଜିରା ପାଉଡର, ଚାଟ୍ ମସଲା ଏବଂ ଗରମ ମସଲା) ମିଶାନ୍ତୁ। ପାଖାପାଖି ୧୦ ମିନିଟ ପର୍ଯ୍ୟନ୍ତ ଉକ୍ତ ମିଶ୍ରଣକୁ ରଖିବା ପରେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ମିଶାଇ ଗୁଳା କରନ୍ତୁ। ଉକ୍ତଗୁଳାଗୁଡ଼ିକୁ ରୋଲ ଭଳି ଆକାର ଦେଇ କବାବ କାଠି ପୁରାନ୍ତୁ। କିପରି ଆକୃତି ଦେବେ ଆପଣ ଫଟୋ ଦେଖି ସ୍ପଷ୍ଟ ଭାବେ ଜାଣି ପାରିବେ। ଏହାପରେ ଗ୍ୟାସ୍ ଉପରେ ବସାଇଥିବା ପ୍ୟାନକୁ ଗରମ କରନ୍ତୁ। ସେଥିରେ ଅଳ୍ପ ତେଲ ମିଶାନ୍ତୁ ଏବଂ କବାବକୁ ଉପର ତଳ କରି ହାଲୁକା ଆଞ୍ଚରେ ଭାଜନ୍ତୁ। ଏହାପରେ ଆମର ଗରମାଗରମା ସିଖ କବାବକୁ ଚଟଣି କିମ୍ବା ସସ୍ ସହିତ ପରିବାର ସଦସ୍ୟ ହୁଅନ୍ତୁ ଅବା ଅତିଥିଙ୍କୁ ପରସି ଦିଅନ୍ତୁ।

# ଘରେ ତିଆରି କରନ୍ତୁ ଅର୍ଗାନିକ୍ କାଜଲ



କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଈମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜ୍ଡ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଈଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ୱାଟରପ୍ରୁଫ୍ ମଧ ହୋଇଥାଏ।

## ଅଖିଳ ଅଘରିଆ ସମାଜର ବୈଠକ

ଝାରସୁଗୁଡ଼ା , ୧୯/୦୫ (ନି.ପ୍ର): କୋଲାବିରା ବ୍ଲକ ଭାଲୁମାଲ ଶିବ ମନ୍ଦିର ମଣ୍ଡପରେ ଅଖିଳ ଅଘରିଆ ସମାଜ ଆଂଚଳିକ ଲଇଡ଼ା ସମିତିର ବୈଠକ ଅନୁଷ୍ଠିତ ହୋଇଛି । ଆଂଚଳିକ ଲଇଡ଼ା ସଭାପତି ବିନୟ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମାଜର ସାମଗ୍ରିକ ବିକାଶ, ରମ୍ପରା, ସମାଜର ରୀତିନିତି, ନିୟମ ପାଳନ, ଅନ୍ୟ ଜାତି ବିବାହ ବିଷୟରେ ଆଲୋଚନା ସହ ଗତ ଫେବୃୟାରୀ ମାସରେ ତାଳମୁଣ୍ଡାରେ ହୋଇଥିବା ୧୧ତମ ପ୍ରାଦେଶିକ ମହାସମ୍ମିଳନୀ ସଭାର ଆୟ ବ୍ୟୟ ସମସ୍ତଙ୍କୁ ଅବଗତ କରାଯାଇଥିଲା । ବୈଠକରେ ଉପଦେଷ୍ଟା ନରେଶ ନାଏକ, ଚେତାନନ୍ଦ ପଟେଲ, କେନ୍ଦ୍ର ସମ୍ପାଦକ ସନାତନ ନାଏକ, ଉ ସଭାପତି ଅଶୋକ ପଟେଲ, ଯୁବ ସଭାପତି ପିତବାସ ପଟେଲ,ନାରୀ ନେତ୍ରୀ ରୀନା ପଟେଲ, ସମା ସିଂହା ମଣ୍ଡଳ ସଭାପତି ବିନୋଦ ପଟେଲ, ଗାଙ୍ଗପୁର ଆଂଚଳିକ ଉପଦେଷ୍ଟା ପ୍ୟାରିମୋହନ ପଟେଲ ସହ ସମସ୍ତ ଗୁଡି,ମଣ୍ଡଳ, ଆଂଚଳିକ ସମିତିର ସଭାପତି, ସମ୍ପାଦକ, ସଭ୍ୟ ମାନେ ଉପସ୍ଥିତ ଥିଲେ । ପାଇକପଡ଼ା ଗୁଡ଼ିର ସଭାପତି ହର ନାଏକ ଅନ୍ୟବାଦ ଦେଇଥିଲେ ।

## ଜଗନ୍ନାଥ ମନ୍ଦିର ପରିସରରେ ସହୀଦ ସ୍ମୃତି ମନ୍ଦିର ଉଦ୍‌ଘାଟିତ

ମାଲକାନଗିରି , ୧୯/୦୫ (ନି.ପ୍ର): ଜଗନ୍ନାଥ ମନ୍ଦିର ପରିସରରେ ପ୍ରଥମ ସହିଦ ସ୍ମୃତି ମନ୍ଦିର ନିର୍ମାଣ ଓ ଭିଡିଓ କନ୍ଫରେସିଂ ମାଧମରେ ଶୁଭ ଉଦଘାଟନ କରିଛନ୍ତି ପଦ୍ମଶ୍ରୀ ବାବା ବଳିଆ ।ଏପରି ଏକ ବିରଳ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ।ମାଲକାନଗିରି ଜିଲ୍ଲା ସାଧାରଣ ବିଭାଗର ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ମାଥିଲି ଜଗନ୍ନାଥ ମନ୍ଦିର ପରିସରରେ କିଛି ମାସ ପୂର୍ବରୁ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆଜି ଗତକାଲି ଉଦଘାଟନ କାର୍ଯ୍ୟ ସମାପନ ହୋଇଛି ।ସହିଦ ସ୍ମୃତି ମନ୍ଦିରର ଶୁଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ପୁରୋଧା ଭାବରେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅ କୌଶଲ୍ୟା ନାୟକଙ୍କ ପୁଅ ନାତି ମୁକୁନ୍ଦ ନାୟକ ଯୋଗ ଦେଇ ହୋମ ଯଜ୍ଞ ଓ ପୂର୍ଣ୍ଣାହୁତି ପରେ ପଦ୍ମଶ୍ରୀ ବାବା ବଳିଆ ଭିଡିଓ କନ୍ଫରେସିଂ ମାଧମରେ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ମନ୍ଦିର କୁ ଉଦଘାଟନ କରିଥିଲେ ।ଏବଂ ଏହି ସ୍ମୃତି ମନ୍ଦିର ମଧରେ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦିଆଯିବା ସହ ମନ୍ତ୍ର ପାଠ କରାଯାଇଥିଲା । ସ୍ୱାଧୀନତା ସଂଗ୍ରାମରେ ବଳିଦାନ ହୋଇଥିବା ସଂଗ୍ରାମୀ ମାନଙ୍କର ପ୍ରତିମୂର୍ତ୍ତି ମାନ କେଉଁଠି ପାର୍କ ତ କେଉଁଠି ରାସ୍ତାର ଚୌରାହ ଉପରେ ନିର୍ମାଣ କରାଯାଇଛି । ଯେଉଁ ମହାନ ମହାପୁରୁଷ ମାନେ ଆମକୁ ସ୍ୱାଧୀନତା ଆଣି ଦେଇଛନ୍ତି । ସେମାନେ ଆଜି ଅସୁରକ୍ଷିତ ଭାବେ ଖରା ବର୍ଷା ଶୀତ କାକରରେ ପଡି ରହୁଛନ୍ତି ।କିନ୍ତୁ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି କୁ ମନ୍ଦିର ଭିତରେ ରଖା ଯାଇଛି । ବାକି ବର୍ଷ ଯାକ ଭୁଲି ଯାଉଛନ୍ତି । କିନ୍ତୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଗାନ୍ଧିର ପରିଚୟ ପାଇଥିବା ମହାନ ମହାପୁରୁଷ ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଲୋକ ମାନେ ଦର୍ଶନ କରି ବର୍ଷକୁ ବାର ମାସ ଧରି ପ୍ରତ୍ୟକ ଦିନ ଲୋକଙ୍କ ହୃଦୟରେ ରହିବେ ବୋଲି ଏପରି ଏକ ନିଆରା ପ୍ରୟାସ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ଅଁଳା ଗୁଣ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ, ୧୯/୦୫ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଅଁଳା ଗୁଣ ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଅଁଳା ମର୍ତ୍ତ୍ୟ ଅମୃତ ସର୍ବ ଋତୁରେ ଔଷଧି ରୂପେ ବ୍ୟବହାର କରାଗଲେ ମଧ ଗ୍ରୀଷ୍ମ ଋତୁରେ ଏହା ନିହାତି ଆବଶ୍ୟକ ।ଏହାର ରସ, ଚୂର୍ଣ୍ଣ ବ୍ୟବହାର କଲେ ଅଂଶୁଘାତ, ତୃଷା, ଅଜୀର୍ଣ୍ଣ, ଅମ୍ଳପିତ୍ତ, ରକ୍ତପିତ୍ତ, ଦନ୍ତ, ନାସାରୁ ରକ୍ତପଡ଼ିବା , ଶ୍ୱାସ, ଯକ୍ଷ୍ମା, ପ୍ରମେହ, ପରିସ୍ରା ଜ୍ୱାଳା,ଦୁର୍ବଳତା, ଚକ୍ଷୁ ଓ କେଶ ରୋଗ ଭଲ ହୁଏ ।ଏହାର ରସ କେଶ ଓ ଚର୍ମରେ ଲଗାଇଲେ କାନ୍ତି ବଢେ ।ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ।

## ମୈତ୍ରୀ ଗ୍ରାମର ସଙ୍ଗାତ ମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇଲେ ମେଣ୍ଡକୁଲି ଗ୍ରାମବାସୀ

ମାଲକାନଗିରି , ୧୯/୦୫ (ନି.ପ୍ର): ଆଦିବାସୀ ମାନଙ୍କ ନିଆରା ପରମ୍ପରା ଦୁଇ ଗ୍ରାମ ମଧ୍ୟରେ ମୈତ୍ରୀ ମିଳନ ।ଏହି ନିଆରା ପରମ୍ପରା ଆଜି ଠାରୁ ଆରମ୍ଭ ହୋଇ ତିନି ଦିନ ପର୍ଯ୍ୟନ୍ତ ଚାଲୁ ରହିବ ।ଆଜିର ଆଧୁନିକ ଯୁଗରେ ଭାଇ-ଭାଇ, ବାପ-ପୁଅ,ଭାଇ-ଭଉଣୀ ଓ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଠିକ ଭାବେ ସମ୍ପର୍କ ରହୁ ନଥିବା ବେଳେ ଏଠି କିନ୍ତୁ ଦୁଇ ଆଦିବାସୀ ମାନଙ୍କର ଏହି ଦୁଇ ଗ୍ରାମର ମିଳନ ଆଜିର ଯୁଗ ପାଇଁ ଏକ ଉଦାହରଣ ସାଜିଛି ।ଏହି ପରମ୍ପରା ପ୍ରତି ଦୁଇ ବର୍ଷରେ ଥରେ ଗାଁର ମୁଖିଆ ମାନଙ୍କ ସହିତ ଗ୍ରାମର ଅବାଳ ବୃଦ୍ଧ ବନିତା ଏକତ୍ରୀତ ହୋଇ ନିମନ୍ତ୍ରିତ ହୋଇ ଆସନ୍ତି ।ଏବଂ ଗ୍ରାମର ଅବାଳ ବୃଦ୍ଧ ବନିତା ମୈତ୍ରୀ ଗ୍ରାମକୁ ଆସି ଦୀର୍ଘ ତିନି ଦିନ ରହିବା ପରେ ପୁଣି ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତି ଗୁଡା ପଞ୍ଚାୟତ ମେଣ୍ଡକୁଲି ଓ କର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମ ମଧରେ ।ଆଦିବାସୀ ପରମ୍ପରା ଅନୁଯାୟୀ ମେଣ୍ଡକୁଲି ଗ୍ରାମ ମୁଖିଆ ହଳଧର ପୂଜାରୀଙ୍କ ସମେତ ଗ୍ରାମବାସୀ କର୍ତ୍ତନପାଲ୍ଲୀ ଗ୍ରାମକୁ ଯାଇ ଗାଁ ମୁଖିଆ ତ୍ରିନାଥ ଭୂମିଆ ଓ ଗ୍ରାମବାସୀ ଙ୍କୁ ମେଣ୍ଡକୁଲି ଆସିବା ପାଇଁ ନିମନ୍ତ୍ରଣ କରିଥିଲେ ।ନିମନ୍ତ୍ରଣ ପାଇଁ କର୍ତ୍ତନପାଲ୍ଲୀ ଗାଁ ମୁଖିଆ ସମେତ ଗ୍ରାମର ଅବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ମେଣ୍ଡକୁଲି ଗ୍ରାମ ଠାରୁ ତିନି କିଲୋମିଟର ଦୂରରେ ଥିବା କେନ୍ଦୁଗୁଡା ଗ୍ରାମ ନିକଟରେ ପହଂଚିବା ପରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମେଣ୍ଡକୁଲି ଗ୍ରାମ ମୁଖିଆ ଙ୍କ ସମେତ ଗ୍ରାମବାସୀ ମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହା ପରେ ମୈତ୍ରୀ ଗ୍ରାମର ଲୋକ ମାନଙ୍କୁ ଆଦିବାସୀ ଢେମସା ନୃତ୍ୟ ଓ ବାଦ୍ୟରେ ତାଳେ ତାଳେ ଗ୍ରାମ ନିକଟକୁ ପାଛୋଟି ଆଣିଥିଲେ ।ଗ୍ରାମ ନିକଟରେ ପହଂଚିବା ପରେ ଗ୍ରାମର ମହିଳା ମାନେ ମୈତ୍ରୀ ଗ୍ରାମରୁ ଆସିଥିବା ସମସ୍ତ ମହିଳା, ପୁରୁଷ, ଯୁବକ ଯୁବତୀ ମାନଙ୍କର ପାଦ ପାଖଳିବା ପରେ ଗ୍ରାମ ମଧକୁ ପାଛୋଟି ନେଇଥିଲେ ।ଏହି ମୈତ୍ରୀ ମିଳନ କାର୍ଯ୍ୟକ୍ରମ ଆଜି ଠାରୁ ତିନି ଦିନ ଧରି କର୍ତ୍ତନପାଲ୍ଲୀ ଗ୍ରାମର ସମସ୍ତେ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି ।ଏହି ତିନି ଦିନ ଧରି ଦୁଇ ଗ୍ରାମ ମଧରେ ମହିଳା ପୁରୁଷ ଯୁବକ ଯୁବତୀ ମାନେ ଆଦିବାସୀ ମାନଙ୍କ ଢେମସା ନୃତ୍ୟ ସହ ପ୍ରତି ବିଳମ୍ବିତ ରାତ୍ରିରେ ଦେଶିଆ ନାଟକ ପରିବେଷଣ ପାଇଁ କାର୍ଯ୍ୟକ୍ରମ ରହିଛି ବୋଲି ମେଣ୍ଡକୁଲି ଗାଁ ମୁଖିଆ ହଳଧର ପୂଜାରୀ ସୂଚନା ଦେଇଛନ୍ତି ।

## ଜନ ଭାଗିଦାରୀ - ସବୁଠାରୁ ଦୂର, ସର୍ବ ପ୍ରଥମେ ଅଭିଯାନର ଶୁଭାରମ୍ଭ

ଝାରସୁଗୁଡ଼ା , ୧୯/୦୫ (ନି.ପ୍ର): ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସମ୍ମିଳନୀ କକ୍ଷଠାରେ ଦେଶବ୍ୟାପୀ ଜନଜାତୀୟ ଗରିମା ଉତ୍ସବ, ୨୦୨୬ ଅନ୍ତର୍ଗତ 'ଜନ ଭାଗିଦାରୀ - ସବୁଠାରୁ ଦୂର, ସର୍ବ ପ୍ରଥମେ' ଅଭିଯାନ ଆଜି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । ଆଦିବାସୀମାନଙ୍କ ସୂଚନା, ଶିକ୍ଷା, ଯୋଗାଯୋଗ ତଥା ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏହି ଅଭିଯାନ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଧରତି ଆବା-ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଆସନ୍ତା ମଇ ୧୮ ତାରିଖରୁ ୨୫ମଇ ୨୦୨୬ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ ଥିବା ୭୭ ଗୋଟି ଗ୍ରାମର ଆଦିବାସୀ ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ୨୫ ଗୋଟି ଗ୍ରାମରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯିବାକୁ ସ୍ଥିରୀକୃତ ହୋଇଛି । ଏହା ସହିତ ଜିଲ୍ଲାର ୧୧ ଗୋଟି ଆଦି ସେବା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ଅଭିଯୋଗ ଶୁଣାଣୀ କରିବାର ବ୍ୟବସ୍ଥା ମଧ କରାଯାଇଛି । ଆୟୋଜିତ ହେବାକୁ ଥିବା ଏହି ସମସ୍ତ ଶିବିରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତିଗତ ପ୍ରମାଣ ପତ୍ର ପ୍ରଦାନ ସହ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ସେବା ଯୋଗାଇ ଦିଆଯିବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର_କଳ୍ପ ପ୍ରଶାସକ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ରହି ଏହି ଅଭିଯାନର ରୂପରେଖ ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଲଇକେରା ବ୍ଲକ ଚେୟାରମ୍ୟାନ୍ ସଞ୍ଜୀବ ନାୟକ, ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଲଇକେରା ତହସିଲଦାର ଦିଲ୍ଲୀ ମାଝୀ, ବିଭିନ୍ନ ବିଭାଗୀୟ ମୁଖ୍ୟ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଚାଷୀଙ୍କୁ ଡବା ଓ ଜାର୍କିନରେ ଡିଜେଲ ଯୋଗାଣ ଦାବି

ଝାରସୁଗୁଡ଼ା, ୧୯/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ରେଙ୍ଗାଲବେଡାସ୍ଥିତ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନରୁ ବ୍ଲକର ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଡିଜେଲ ଯୋଗାଇବାକୁ ଦାବୀ ଜୋର ଧରିଛି । ଏନେଇ ବ୍ଲକର ବିଭିନ୍ନ ପଂଚାୟତର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

ଚାଷୀମାନଙ୍କ କହିବା ଅନୁଯାୟୀ, ଲଇକେରା ବ୍ଲକରେ ଚନ୍ଦ୍ରଶେଖର ଫିଲିଙ୍ଗ ଷ୍ଟେସନ ହେଉଛି ଏକମାତ୍ର ପେଟ୍ରୋଲ ପମ୍ପ । ଗ୍ରାମୀଣ ଅଂଚଳର ଚାଷୀମାନଙ୍କୁ ମୁଖ୍ୟତଃ ଡିଜେଲ ଯୋଗାଣ ସୁବିଧା ଦେବା ଉଦ୍ଦେଶ୍ୟରେ ଏହି ପମ୍ପକୁ ସରକାରୀ ଅନୁମୋଦନ ମିଳିଥିଲା । କିନ୍ତୁ ବର୍ତ୍ତମାନ ଚାଷୀମାନଙ୍କୁ ଡିଜେଲ ଦେବାରେ ବିଭିନ୍ନ କଟକଣା କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ବିଭିନ୍ନ ଠିକା ସଂସ୍ଥା ଓ ଶିଳ୍ପ ପ୍ରତିଷ୍ଠାନକୁ ବିନା କଟକଣାରେ ସହଜରେ ଡିଜେଲ ଯୋଗାଇ ଦିଆଯାଉଥିବା ବେଳେ ଚାଷୀମାନଙ୍କୁ ଡବା କିମ୍ବା ଜାର୍କିନ୍‌ରେ ଡିଜେଲ ଦିଆଯାଉନାହିଁ । ଡିଜେଲ ନେବା ପାଇଁ ଟ୍ରାକ୍ଟର, ପାୱାର ଟିଲର ଭଳି ଯାନବାହନକୁ ପମ୍ପକୁ ଆଣିବାକୁ କୁହାଯାଉଛି । ବ୍ଲକର ୧୧ଟି ପଂଚାୟତର ଚାଷୀମାନେ ଏହି ପେଟ୍ରୋଲ ପମ୍ପ ଉପରେ ନିର୍ଭରଶୀଳ ଥିବା ବେଳେ ଛୋଟ ଚାଷ ଯନ୍ତ୍ରାଂଶକୁ ପମ୍ପ ପର୍ଯ୍ୟନ୍ତ ଆଣିବା ଅନେକ ସମୟରେ ସମ୍ଭବ ହୋଇପାରୁନାହିଁ । ଏଥିପାଇଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସହ ଚାଷୀମାନେ ହଇରାଣ ହେଉଛନ୍ତି ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡା, ୧୯/୦୫ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଲଇକେରା ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ସେଠାକୁ ଆସିଥିବା ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିବା ସଙ୍ଗେ ସଙ୍ଗେ ଲୋକଙ୍କ ପ୍ରତିଟି ସମସ୍ୟାର ତ୍ୱରିତ ସମାଧାନ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଜଣେ ଆର୍ଥିକ ଅନଗ୍ରସର ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦,୦୦୦ ଟଙ୍କାର ଜରୁରୀକାଳୀନ ସହାୟତା ରାଶି ମଧ ପ୍ରଦାନ କରାଯାଇଥିଲା । ଆଜିର ଏହି ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୭ ଗୋଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୧୨ ଗୋଟି ସାମୁଦାୟିକ ବା ଗୋଷ୍ଠୀଗତ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା । ଶିବିରରେ ମୁଖ୍ୟତଃ ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ପରିଚାଳନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ, ବିଭିନ୍ନ ଅଞ୍ଚଳର ଜମି ଜମା ସମ୍ବନ୍ଧୀୟ ବିବାଦ, ପାନୀୟ ଜଳ ସମସ୍ୟା, ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଏବଂ ଗ୍ରାମୀଣ ରାସ୍ତା ନିର୍ମାଣ ଆଦି ସମ୍ପର୍କିତ ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏହି ସମସ୍ତ ବିଷୟକୁ ଗମ୍ଭୀରତାର ସହ ଗ୍ରହଣ କରି ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରୀ ସେବାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଚହ୍ୱାଣ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏକ ସ୍ପଷ୍ଟ ଓ କଡ଼ା ନିର୍ଦ୍ଦେଶ ଶୁଣାଇଛନ୍ତି । ସେ କହିଛନ୍ତି ଯେ, ଜନ ଶୁଣାଣି ଶିବିରକୁ ଆସୁଥିବା ଲୋକମାନଙ୍କର ମୌଳିକ ସମସ୍ୟାଗୁଡ଼ିକୁ ବିଭାଗୀୟ ସ୍ତରରୁ ଯଥାଶୀଘ୍ର ଆବଶ୍ୟକୀୟ କାର୍ଯ୍ୟବଳି ଆଧାରରେ ସମ୍ପୂର୍ଣ୍ଣ କରାଯାଉ । ସମସ୍ତ ବକେୟା ପଡ଼ିଥିବା କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସେ ଅଧିକାରୀମାନଙ୍କୁ କହିବା ସହ ଲୋକଙ୍କ ସମସ୍ୟା ମୂଳକ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ ଏବଂ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଲଇକେରା ବ୍ଲକ ଚେୟାରମ୍ୟାନ୍ ସଞ୍ଜୀବ ନାୟକ, ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଲଇକେରା ତହସିଲଦାର ଦିଲ୍ଲିପ ମାଝୀ ପ୍ରମୁଖ ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ । ଏହା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ ମୁଖ୍ୟ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ଲଇକେରା ବ୍ଲକର ଅଧିକାରୀମାନେ ଏହି ଶିବିରରେ ସାମିଲ ହୋଇଥିଲେ ।

## କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଚମ୍ପୁଆ: ବିନା ଅନୁମତିରେ ଚାଲିଛି ଗଛ କଟା

ଚମ୍ପୁଆ, ୧୯/୦୫ (ନି.ପ୍ର): ଚମ୍ପୁଆ ବନାଂଚଳ ଏବେ କାଠ ମାଫିଆଙ୍କ ଭୁସ୍ୱର୍ଗ ।ଲଟିଛି । ଦୈନିକ ଦିବାଲୋକରେ ଚମ୍ପୁଆ ବନାଂଚଳରୁ ଟ୍ରି ଟ୍ରିପ ଗଛ ବାହାରକୁ ଚାଲାଣ ହେଉଥିବା ବେଳେ ଏହି ଚାଲାଣ ଛରେ ଚମ୍ପୁଆ ବନ ବିଭାଗ ଓ ତହସିଲର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଗ୍ରାମରେ ବେନିୟମ କାଠ ଡିପୁ କରି ଟ୍ରକ ଯୋଗେ ବାହାରକୁ ଚୋରା ଚାଲାଣ କରାଯିବାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି । କଂଚନପୁର ଗ୍ରାମର ଦୁଇ ଚାରି ଜଣ ଆଦିବାସୀ ଯୁବକଙ୍କୁ ହାତ କରି କାଠ ମାଫିଆ ମାନେ ନିକଟ ଗ୍ରାମ ମାନଙ୍କରୁ ବେନିୟମ ଭାବେ ଗଛ କାଟି କଂଚନପୁର ମୁଣ୍ଡା ସାହିରେ ଡିପୁ କରୁଛନ୍ତି ଓ ପରେ ତାକୁ ଟ୍ରକ ସାହାଯ୍ୟରେ ବାହାରକୁ ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି । ବାରମ୍ବାର କାଠ ବୋଝେଇ ଟ୍ରକ ଗ୍ରାମରେ ଚଳା ଚଳ କରିବାରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ଗ୍ରାମ୍ୟରାସ୍ତା ମଧ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି । ତେବେ ଦିନ ଦ୍ୱିପ୍ରହରରେ ଖୋଲମଖୋଲା ବଡ଼ ବଡ଼ ଗଛ ସବୁ ଟ୍ରି ଟ୍ରିପ ଚାଲାଣ ହେଉଥିଲେ ମଧ ବିଭାଗ ନିଦାବିଷ୍ଟୁ ସାଜିଛି । ଫଳରେ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି ।

ଏ ସମ୍ପର୍କରେ ଚମ୍ପୁଆ ବନାଳ ଜ୍ୟୋତିରୁପା ପାଣିଙ୍କୁ ପଚାରିବାରୁ ସେମାନେ ପଟା ଜାଗାରୁ କାଟୁଛନ୍ତି ବୋଲି କହିଥିଲେ । ତେବେ ଗଛ କାଟିବାକୁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛିକି ବୋଲି ପଚାରିବାରୁ କୌଣସି ଅନୁମତି ଦିଆ ଯାଇ ନ ଥିବା କହିଥିବା ବେଳେ ଏଠି ପ୍ରଶ୍ନ ଉଠୁଛି, ଯଦି ଗଛ କାଟିବାକୁ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ ତେବେ ଏଠାରେ ଦୀର୍ଘ ଦିନ ଧରି (ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ ହେବ) ମାଫିଆ ମାନେ ବିନା ଅନୁମତିରେ ଗଛ କାଟି ଡିପୁ କରି ଟ୍ରି ଟ୍ରିପ କାଠ ବାହାରକୁ ଚାଲାଣ କରୁଥିଲେ ମଧ ବିଭାଗ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ କାହିଁକି ? ଜଣେ ସାଧାରଣ ଲୋକ ନିଜ ବାସଗୃହ ନିର୍ମାଣ, ମରାମତି କିମ୍ବା ପରିବାରର ଆବଶ୍ୟକତା ମେଂଟାଇବାପାଇଁ ନିଜ ପଟା ଜାଗା, ବାଡ଼ି ବଗିଚାରୁ ଗଛ ଟିଏ କାଟିଦେଲେ ବନ ବିଭାଗ ଅଧିକାରୀ ମାନେ ତାଙ୍କୁ ବିଭିନ୍ନ ଆଇନ ପାଠ ପଢାଇ ହଇରାଣ ହରକତ କରୁଥିବା ବହୁ ନଜିର ରହିଥିବା ବେଳେ କୌଣସି ନିତି ନିୟମ ମାନୁ ନ ଥିବା ଗଛ ମାଫିଆ ମାନଙ୍କ ପାଇଁ କିନ୍ତୁ ସବୁ ମାଫ କରାଯାଉଛି କାହିଁକି ? କାହାର ଛତ୍ର ଛାୟା ତଳେ ରହି ନିର୍ଦ୍ୱନ୍ଦରେ ମାଫିଆ ମାନେ ଗଛ କାଟି ଚାଲିଛନ୍ତି ? ଯାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନ୍ୟପକ୍ଷେ ଯୋଜନା ବଦ୍ଧ ଭାବେ ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ଏହି ଚମ୍ପୁଆ ଅଂଚଳରେ ଗଛ ଗୁଡ଼ିକୁ କଟାଯାଇ କଂଚନପୁର ଗ୍ରାମରେ ଡିପୁ କରିବା ପରେ ଟ୍ରକ ଯୋଗେ ବାହାରକୁ ଚାଲାଣ କରାଯାଉଥିବା ପଛରେ ଖୋଦ ଚମ୍ପୁଆ ବନ ବିଭାଗ ଓ ତହସିଲର ଭୂମିକା ଥିବା ନେଇ ସାଧାରଣରେ ଆଲୋଚନା ହେଉଛି । କଂଚନପୁର ମୁଣ୍ଡା ସାହିରେ ଥିବା ପଡିଆ କଡରେ ଅନେକ କଟା ଗଛ କାଠ ଗଣ୍ଡି ଗୁଡିକ ଏବେ ବି ଗଦା ହୋଇ ପଡ଼ି ରହିଛି । ଦିନ ଦ୍ୱିପହରରେ ଏହି କାରବାର ଖୋଲାଖୋଲି ହେଉଥିଲେ ମଧ ଅଙ୍କୁଶ ଲଗାଇବା ପାଇଁ କୌଣସି ବିଭାଗ ଗୁରୁତ୍ୱ ଦେଉନାହାନ୍ତି । ଯଦି ଗଛ ମାଫିଆଙ୍କୁ ଅଣଦେଖା କରି ତାଙ୍କ ପ୍ରତି କଡା ଆଭିମୁଖ୍ୟ ଗ୍ରହଣ କରା ନ ଯାଏ ତେବେ ଚମ୍ପୁଆ ଅଂଚଳ ବୃକ୍ଷଶୂନ୍ୟ ହୋଇ ଯିବା ସହିତ ଆଗାମୀ ଦିନରେ ପରିବେଶ ଉପରେ ତାର କୁପ୍ରଭାବ ପଡିବ ଏବଂ ଅଂଚଳରେ କୃଷି କାର୍ଯ୍ୟ ବ୍ୟାଘାତ ହେବ ବୋଲି ପରିବେଶପ୍ରେମୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗଛ କାଟିବା ପାଇଁ ବିଭାଗୀୟ ଅନୁମତି ଦିଆଯାଇ ନାହିଁ ବୋଲି ସୂଚନା ଦେଇଛନ୍ତି । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସହଯୋଗୀ ଅଧିକାରୀ ଏବଂ ଗଛ ମାଫିଆଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

## ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ସଭା, କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷକ ସମ୍ମାନିତ

ଝାରସୁଗୁଡ଼ା , ୧୯/୦୫ (ନି.ପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୋଲାବିରା ବ୍ଲକର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ବିଦ୍ୟାର୍ଥୀ ଓ ବିଦ୍ୟାଳୟଗୁଡ଼ିକୁ ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ବ୍ଲକର ମୋଟ ୨୮ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଥିବା ବେଳେ ୧୨ଟି ବିଦ୍ୟାଳୟ ଶତପ୍ରତିଶତ ପାସ୍ ହାର ବଜାୟ ରଖିଛନ୍ତି । ଏହି ଉପଲକ୍ଷେ ସମାସିଂହା ସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆଜି ଏକ ବ୍ଲକ ସ୍ତରୀୟ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି ।ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷାଧିକାରୀ ଡ଼.ରାଧାକାନ୍ତ ଗର୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏହି ସମ୍ବର୍ଦ୍ଧନା କେବଳ ପୁରସ୍କାର ନୁହେଁ, ବରଂ ପିଲାଙ୍କ ପରିଶ୍ରମ ଓ ଅନୁଶାସନର ପ୍ରତିଫଳନ । ଛାତ୍ରଛାତ୍ରୀମାନେ ନିଜର ଜ୍ଞାନ ଓ ସଂସ୍କାର ଦ୍ୱାରା ଦେଶକୁ ଗୌରବାନ୍ୱିତ କରିବା ଆବଶ୍ୟକ । ସଭାରେ ମୁଖ୍ୟବକ୍ତା ଭାବେ ବେଦାନ୍ତର ସୌମ୍ୟ ମାତାମ ଏବଂ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଇଓ ଅନିଲ କୁମାର ପଟେଲ, କିର୍ମିରା ବିଇଓ ଜୟନାରାୟଣ ପଣ୍ଡା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିରୋଜ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଜିଲ୍ଲାରେ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତାକୁ ଭୂୟସୀ ପ୍ରଶଂସା କରିଥିଲେ । ଚଳିତ ବର୍ଷ ଏହି ବିଦ୍ୟାଳୟର ୯୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ ଜଣ ଛାତ୍ରୀ ଏ-୧ ଗ୍ରେଡ୍ ପାଇ ବ୍ଲକର ଶୀର୍ଷରେ ରହିଛନ୍ତି ।ଏହି ଅବସରରେ ଏ-୧ ପାଇଥିବା କ୍ଷୀରୋଦ ଗୌନ୍ତିଆ ହାଇସ୍କୁଲର ୨୨ ଜଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ ଜଣ, ରଘୁନାଥପାଲି ହାଇସ୍କୁଲର ଜଣେ ଓ ସୋଡ଼ାମାଲ ସରକାରୀ ହାଇସ୍କୁଲର ଜଣେ ଛାତ୍ରଙ୍କ ସମେତ ଏ-୨ ଗ୍ରେଡ୍ ପାଇଥିବା ୯୬ ଜଣଙ୍କୁ ମିଶାଇ ମୋଟ ୧୫୬ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପିତାମାତାଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ୧୦୦ ପ୍ରତିଶତ ରେଜଲ୍ଟ କରିଥିବା ୧୨ଟି ବିଦ୍ୟାଳୟ ଏବଂ ବ୍ଲକର ୨୦ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସିଆରସିସି ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ: ଜିଲ୍ଲାରେ ଶିକ୍ଷାର ମାନ ଓ ଭିତ୍ତିଭୂମି ବିକାଶର ସମୀକ୍ଷା

ଝାରସୁଗୁଡ଼ା, ୧୯/୦୫ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ସୁଧାର, ଶିକ୍ଷାଦାନର ମାନ ଏବଂ ଭିତ୍ତିଭୂମିର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ବିଭିନ୍ନ ବିଦ୍ୟାଳୟ ଗସ୍ତ କରିଛନ୍ତି । ଆଜି ଲଇକେରା ବ୍ଲକରେ ଆୟୋଜିତ ଯୁଗ୍ମ ଜନ ଶୁଣାଣି ଶିବିର ପରେ ଜିଲ୍ଲାପାଳ ବାବୁଚିପିଡି ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ । ଏହି ଗସ୍ତ ସମୟରେ ସେ ବିଦ୍ୟାଳୟର ସାମଗ୍ରିକ ଶୈକ୍ଷିକ ପରିବେଶ ଓ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିଦର୍ଶନ କାଳରେ ଜିଲ୍ଲାପାଳ ବିଦ୍ୟାଳୟର ସୁପରିଚାଳନା ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମ୍ୟାଟ୍ରିକ ପରୀକ୍ଷାରେ ଅଧିକ ମାତ୍ରାରେ କିଭଳି ଆଶାନୁରୂପ ଫଳାଫଳ ବା ଉତ୍ତମ ପ୍ରଦର୍ଶନ କରିପାରିବେ ସେହି ଦିଗ ଉପରେ ସେ ବିସ୍ତୃତ ସମୀକ୍ଷା କରିଥିଲେ । ଏଥିସହ ଆଗାମୀ ମ୍ୟାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀମାନେ କିଭଳି ଭାବେ ଭୟମୁକ୍ତ ହୋଇ ଉନ୍ନତ ପ୍ରଦର୍ଶନ କରିପାରିବେ, ସେ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା ମଧ କରିଥିଲେ । ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଏକ ଉନ୍ନତ ଓ ସାମଗ୍ରିକ ଶିକ୍ଷା ପ୍ରଦାନ କରାଯିବା ନେଇ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ, ଅଇନ୍ତାପଲ୍ଲୀ ସ୍ଥିତ ଏଲ.ପି.ଏସ.ଡି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନ୍ୟ ସ୍କୁଲ ତୁଳନାରେ ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ଥାୟୀତ୍ୱ ହାର ଉପସ୍ଥାନ ସଂଖ୍ୟାରେ କୌଣସି ଆଶାନୁରୂପ ବୃଦ୍ଧି ହୋଇ ନଥିବା ଦେଖି ସେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଏଥିରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବଲାଙ୍ଗିର ବେଲପଡ଼ା ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବଲାଙ୍ଗିର, ୧୯/୦୫ (ନି.ପ୍ର): ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବେଲପଡା ପଞ୍ଚାୟତ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଏଥିରେ ଜିଲ୍ଲାପାଳ ଗୌରଭ୍ ଶିୱାଜୀ ଇସଲୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ଶୁଣିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରରେ ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୫୨ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି ।

# ସୁନନ୍ଦନ ମେଧା ବୃତ୍ତି ସମ୍ମାନ ସମାରୋହ ଅନୁଷ୍ଠିତ




ବାରିପଦା , ୧୯/୫ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ' ସୁନନ୍ଦନ ମେଧା ବୃତ୍ତି ସମ୍ମାନ - ୨୦୨୬ ' ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ୧୯୭୫ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଂଗତ ପୁତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ବା ଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥାଏ ଓ ଚଳିତ ବର୍ଷ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସରସ୍ୱତୀ ବିଦ୍ୟାବିହାରର ଛାତ୍ର ପାର୍ଥସାରଥି ମହାନ୍ତ ରାଜ୍ୟରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି ଓ ତାଙ୍କୁ ଉପଢୌକନ, ଫଳକ, କଲର କିଟ ଓ ସମ୍ବର୍ଦ୍ଧନା ପତ୍ର, ସହ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ତତସହିତ ପରିବାର ତରଫରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗଦେଇ ପୁରସ୍କାର ବିତରଣ କରିବା ସହ ବର୍ଷତମାମ ପରିବାର ଦ୍ୱାରା ଆୟୋଜିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅରୁଣ ପାତ୍ର, ସଦସ୍ୟ ସୌରବିହାରୀ ଦାସ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ସନ୍ତୋଷ ଗୋପ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, ଚାରୁ ଚନ୍ଦ୍ର ଦାସ, କାମିନୀକାନ୍ତ ମାଲାକାର, ସଂଜୀବ ପଟ୍ଟନାୟକ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଶାନ୍ତନୁ ଦାସ, ରାମ ନାଏକ, ଅନିଲ ପଣ୍ଡା, ବଳରାମ ଭଦ୍ର, ରାଜୀବ ପାତ୍ର ଓ ସମାଜସେବୀ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଅରୁଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଅବସରରେ କାଉନସିଲର ସୁକେସିନୀ ସେଠି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହାନ୍ତ, ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ନରସିଂହ ବାରିକ, ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା ।

## ସ୍ୱାସ୍ଥ୍ୟ କାର୍ଡ଼ ସହିତ ଭତ୍ତା ପାଇଁ ଗୁହାରି ଜଣାଇଲେ 'ବାସ୍ତା'

ଉଦଳା, ୧୯/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଭୁଣ୍ଡାଛକ ଠାରେ ବସବାସ କରୁଥିବା ସ୍ୱର୍ଗତଃ ବାଗାଏ କିସ୍କୁଙ୍କର ୬୨ ବର୍ଷ ବୟସର ପୁତ୍ର ବାସ୍ତା କିସ୍କୁ ଅଜଣା ରୋଗରେ ପିଡ଼ିତ ହୋଇ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଏତିକି ବେଳେ ସେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇଦେଉଥିବା ଭତା ପାଉ ନାହାଁନ୍ତି କି ପାଖରେ ଆୟୁଷ୍ମାନ କାର୍ଡ଼ ନଥିବାଯୋଗୁଁ ଚିକିତ୍ସା ହୋଇପାରୁ ନାହାଁନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବାସ୍ତା ଦେହ ଅସୁସ୍ଥ ହେବାରୁ ଆଉ କାମ କରିପାରୁ ନାହାଁନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜିଲ୍ଲା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବାଲେଶ୍ୱର, ୧୯/୫ (ନି.ପ୍ର): ବାମପଦା ସ୍ଥିତ ନୋଷି ବିଜିନେସ ପାର୍କର ଅଡିଟେରିୟମ ହଲ୍ ପରିସରରେ ଆଜି ପୂର୍ବାହ୍ନ, ୧୧ଘଟିକା ରେ ବାଲେଶ୍ୱର ଜିଲ୍ଲା ବିଜେପିର ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ଶେଖରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲା ପ୍ରଶିକ୍ଷଣ ଶିବିରରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବେଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ପ୍ରଭାରୀ ଗୌତମ ରାୟ ରାଜ୍ୟ ସରକାରଙ୍କ ଉପ ମୂଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବର୍ଗ ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ତଥା ରାଜ୍ୟ ବିଜେପି ପ୍ରବକ୍ତା ହିତେଶ ମହାପାତ୍ର ପ୍ରମୁଖ ଉଦଘାଟନୀ ସମାରୋହରେ ମଞ୍ଚାସୀନ ରହି ନିଜ ବକ୍ତବ୍ୟରେ ଶିବିରାର୍ଥିଙ୍କୁ ପ୍ରଶିକ୍ଷଣ ସମ୍ବନ୍ଧରେ ବାର୍ତ୍ତା ରଖିଥିଲେ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ବର୍ଗ ପ୍ରମୁଖ ଚନ୍ଦ୍ର ଶେଖର ନନ୍ଦ ମଞ୍ଚ ପରିଚାଳନା କରିଥିଲେ , ୨ଦିନ ଧରି ଏହି ପ୍ରଶିକ୍ଷଣ ବର୍ଗ ଚାଲିବ ଏହି ବର୍ଗରେ ବିଜେପି ଜିଲ୍ଲା କମିଟି, ରାଜ୍ୟ ପଦାଧିକାରୀ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ,ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ପୂର୍ବତନ ବିଧାୟକ ପୂର୍ବତନ ସାଂସଦ, ବ୍ଲକ୍ ଚେୟାର ମ୍ୟାନ, ମୁନିଶି ପାଲିଟି ଚେୟାର ମ୍ୟାନ ପୂର୍ବତନ ଜିଲ୍ଲା ସଭାପତି ମାନେ ଶିବୀରାର୍ଥି ଭାବରେ ଉପସ୍ଥିତ ଥିଲେ , ଦୁଇ ଦିନରେ ମୋଟ ୧୭ ସତ୍ର ହେବାକୁ ଥିବା ବେଳେ ଆଜି ପ୍ରଥମ ଦିବସରେ ମୋଟ ୭ ଟି ଶତ୍ର ହୋଇଥିଲା।, ପ୍ରଥମ ସତ୍ର ର ପ୍ରଶିକ୍ଷକ ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଥିବା ବେଳେ ପୂର୍ବତନ ଜିଲ୍ଲା ସଭାପତି ତଥା ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ, ସେହି ଭଳି ଭାବରେ ୨ୟ ସତ୍ର ରେ ସୁରଥ ବିଶ୍ୱାଳ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଅଧକ୍ଷତା କରିଥିଲେ, ୩ୟ ସତ୍ର ର ପ୍ରଶିକ୍ଷକ କବି ବିଷ୍ଣୁ ଶତପଥୀ ଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା ଅଧକ୍ଷତା କରିଥିଲେ, ୪ର୍ଥ ସତ୍ର ରେ ସାରଦା ପ୍ରସନ୍ନ ସତପଥୀ ପ୍ରଶିକ୍ଷକ ଥିବା ବେଳେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଅଧକ୍ଷତା କରିଥିଲେ। ପଞ୍ଚମ ସତ୍ର ଠାକୁର ରଞ୍ଜିତ ଦାସ ଅଧକ୍ଷତା କରିବା ସହ ଗୌତମ ରାୟ ପ୍ରଶିକ୍ଷଣ ଦେଇଥିଲେ, କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବନ୍ଦେ ମାତରମ୍, ଶେଷରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା ତତ୍ ସହ ସମସ୍ତ ସତ୍ର ପ୍ରାରମ୍ଭ ରେ ସାମୂହିକ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଉପ ସଭାପତି ବିଜୟ ସାହୁ, ରାଜେଶ ମହାପାତ୍ର, ରାଜ୍ୟ ଯୁବ ମୋର୍ଚ୍ଚା ସଂପାଦକ ଶଶିକାନ୍ତ ମିଶ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା ପ୍ରମୁଖ ମଞ୍ଚ ଦାୟିତ୍ୱ ରେ ଥିବା ବେଳେ ଜିଲ୍ଲା ଗଣ ମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ସହ ସଂଯୋଜକ ରଣଜିତ୍ ପୃଷ୍ଟି ଗଣମାଧମ ଦାୟିତ୍ୱ ସମ୍ପାଦନ କରିବା ସହିତ ଶିବିରର ପଞ୍ଜିକରଣ ବ୍ୟବସ୍ଥା ବୁଝିଥିଲେ, ଜିଲ୍ଲା କୋଷାଧକ୍ଷ ମୋହିତ ପୋଦ୍ଦାର, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଯୁବ ନେତା ସୂର୍ ଝଙ୍କାର ସେଠୀ, ସୁମନ୍ତ ମହାଳିକ, ସୁରଜ୍ ବିଶାଳ ନିଗମାନନ୍ଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଜଳେଶ୍ୱରରେ କାଳବୈଶାଖୀର ତାଣ୍ଡବ: ଆରୁହା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ସହିତ ଯୋଗାଯୋଗ ବିଚ୍ଛିନ୍ନ



ଜଳେଶ୍ୱର ୧୯/୫ (ନି.ପ୍ର): ଜଳେଶ୍ୱର ତହସିଲ ଅଞ୍ଚଳରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଆସିଥିବା ଏକ ପ୍ରଳୟଙ୍କରୀ କାଳବୈଶାଖୀ ସମଗ୍ର ଅଞ୍ଚଳରେ ବ୍ୟାପକ ତାଣ୍ଡବ ରଚିଛି।ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ପବନ ଯୋଗୁଁ ଅଞ୍ଚଳରେ ବହୁତ କ୍ଷୟକ୍ଷତି ଘଟିଛି। ଅନେକ ସ୍ଥାନରେ ଶତାୟୁ ଓ ବଡ଼ ବଡ଼ ଗଛ ଓପାଡ଼ି ପଡ଼ିଥିବା ବେଳେ ବିଦ୍ୟୁତ ଖୁଣ୍ଟଗୁଡ଼ିକ ଭାଙ୍ଗି ଚୂରମାର ହୋଇଯାଇଛି। ଫଳରେ ସମଗ୍ର ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଜଳେଶ୍ୱର ବ୍ଲକର ଆରୁହା ପଞ୍ଚାୟତ ଏହି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଝଡ଼ର ବେଗ ଏତେ ପ୍ରଖର ଥିଲା ଯେ ପଞ୍ଚାୟତର ପ୍ରାୟ ୫୦ ରୁ ଅଧିକ ଗରିବ ପରିବାରର ଆଜବେଷ୍ଟସ ଛପର ଉଡ଼ିଯାଇଛି। ନିମପୁରଠାରୁ ମହିସାମୁଣ୍ଡା ମଧ୍ୟରେ ପ୍ରାୟ ୫ ଟି ୧୧-କେଭି ମୁଖ୍ୟ ବିଦ୍ୟୁତ ଖୁଣ୍ଟ ଓପାଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଆରୁହା ଗ୍ରାମରେ ଦୁଇଟି ପକ୍କା କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାହା ତଳେ ଚାପି ହୋଇ ଏକ ସ୍କୁଟି ଓ ଗୋଟିଏ ବୁଲେଟ ମୋଟରସାଇକେଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶାଳୀକୋଠା ଛକ ଠାରୁ ମାହିସାମୁଣ୍ଡା ଯାଇଥିବା ମୁଖ୍ୟ ରାସ୍ତା, ଆରୁହା ନାମ୍ପୋ ଆର ଡି ରାସ୍ତା,ରମାନାଥ ଦାସ ଦୋକାନ ଛକ ଠାରୁ ମାଜିଣାସାହି ରାସ୍ତା ସମେତ ଅଞ୍ଚଳର ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ବଡ଼ ବଡ଼ ଗଛ ସବୁ ଉପୁଡ଼ି ପଡ଼ିଛି।ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ଏବଂ ବାହ୍ୟ ଜଗତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।ବିଦ୍ୟୁତ ସେବା ଠପ୍ ହୋଇଯିବା କାରଣରୁ ବର୍ତ୍ତମାନ ଲୋକମାନେ ପିଇବା ପାଣି ଟୋପେ ପାଇଁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଅନ୍ଧାର ଓ ଜଳକଷ୍ଟ ଯୋଗୁଁ ସ୍ଥାନୀୟ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ରାସ୍ତା ସାଫା କରିବା ଏବଂ ଯାତାୟାତକୁ ସ୍ୱାଭାବିକ କରିବା ପାଇଁ ଦୁଇଟି ଦମକଳ ବାହିନୀ ଟିମ୍ ନିୟୋଜିତ ହୋଇଛନ୍ତି।ଆଧୁନିକ କଟର ସାହାଯ୍ୟରେ ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହି ସଙ୍କଟ ସମୟରେ ପଞ୍ଚାୟତ ର ଯୁବ ନେତା ଶ୍ରୀକଣ୍ଠ ମାହାନ୍ତି,ସଦସ୍ୟ ସମାଜସେବୀ ତଥା ସାମ୍ବାଦିକ ମନୋଜ କୁମାର ଭୂୟାଁ, ୱାର୍ଡ଼ ସଭ୍ୟ ଗୋପୀକୃଷ୍ଣ ଦାସ, ସୂର୍ଯ୍ୟକାନ୍ତ ମହାପାତ୍ର, କାର୍ତ୍ତୀକ ଜେନା ତଥା ବହୁ ଯୁବ ଗୋଷ୍ଠୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏହାସହ ସେମାନେ ନିଜ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି।ବିଦ୍ୟୁତ ଓ ଜଳ ଯୋଗାଣକୁ ଯଥାଶୀଘ୍ର ସ୍ୱାଭାବିକ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।ପଞ୍ଚାୟତ ର ସରପଂଚ ତପନୀ ଭୂୟାଁ,ସଦସ୍ୟା ମଧୁମିତା ମହାନ୍ତି,ନାଏବ ସରପଞ୍ଚ ବରୁଣ କୁମାର ଜେନା ତହସିଲଦାର ସତ୍ୟଜିତ ମହାନ୍ତି ଙ୍କୁ ଭେଟି ଯଥାଶୀଘ୍ର କ୍ଷୟ କ୍ଷତିର ଆକଳନ କରି ଭାଙ୍ଗି ଯାଇଥିବା ଘରର ସଦସ୍ୟ ମାନଙ୍କୁ ପାଲଥିନ୍ ସହିତ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଛନ୍ତି।

# ୩୦ଟି ବିଜ୍ଞପ୍ତିତ ନାଗରିକ ସେବାରେ ୯୪% ସମୟସୀମା ଅନୁପାଳନ ହାସଲ କଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୧୯/୫ (ନି.ପ୍ର): ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ନିକଟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଓଡ଼ିଶା ସେବା ଅଧିକାର ଆଇନ' (ଓଆରଟିପିଏସ) ଅଧୀନରେ ନାଗରିକ ସେବା ପ୍ରଦାନର କାର୍ଯ୍ୟଦକ୍ଷତା ଓ ଡିଜିଟାଲ୍ ସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରାଯାଇଛି। ସମୀକ୍ଷାରେ ପ୍ରକାଶ ପାଇଛି ଯେ, ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞାପ୍ତିତ ନାଗରିକ ସେବାରେ ପ୍ରାୟ ୯୪% ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି।
ରାଜ୍ୟ ସରକାରଙ୍କ "ଲୋକସେବା ଅଧିକାର – ସୁବିଧାରେ ସରକାରୀ ସେବା" ଆଦର୍ଶକୁ ଆଧାର କରି ବିଭାଗ ସହରାଂଚଳ ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ କ୍ରମାଗତ ଭାବେ ଡିଜିଟାଲ୍ ଓ ଲୋକାଭିମୁଖୀ କରିଛି। ବର୍ତ୍ତମାନ ୩୦ଟି ସେବା ମଧ୍ୟରୁ ୨୧ଟି ସେବା ସୁଯୋଗ, ସ୍ୱଚ୍ଛତା ଏବଂ ସ୍ୱତନ୍ତ୍ର ଅଭିଯୋଗ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ଅନଲାଇନ୍ ରେ ଉପଲବ୍ଧ ହୋଇଥିବାବେଳେ, ଆଉ ୭ଟି ସେବା ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ଅଧୀନରେ ଅନଲାଇନ୍ ରେ ଉପଲବ୍ଧ ଅଛି। କେବଳ ୨ଟି ସେବା ବର୍ତ୍ତମାନ ଅଫଲାଇନ୍ ମୋଡ୍ ରେ ଚାଲୁ ରହିଛି। ସେବାଗୁଡ଼ିକର ଅଧିକ ସ୍ୱଚ୍ଛ ମନିଟରିଂ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବା ପାଇଁ ସେଣ୍ଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ୍ ମାଧ୍ୟମରେ ବିକଶିତ ହେଉଥିବା ୭ଟି ଡ୍ୟାସବୋର୍ଡର ବ୍ୟବହାରକାରୀଙ୍କ ଦ୍ୱାରା ଗ୍ରହଣୀୟ ପରୀକ୍ଷଣ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ୧ ଏପ୍ରିଲ୍ ୨୦୨୪ ରୁ ୨୭ ଏପ୍ରିଲ୍ ୨୦୨୬ ମଧ୍ୟରେ ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମୁଦାୟ ୬,୫୯,୧୦୨ଟି ଆବେଦନ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୬,୦୭,୯୬୦ଟି ଆବେଦନ ନିର୍ଦ୍ଧାରିତ 'ସର୍ଭିସ୍ ଲେଭଲ୍ ଏଗ୍ରିମେଂଟ' (ଏସଏଲଆ) ସମୟସୀମା ମଧ୍ୟରେ ସମାଧାନ କରାଯାଇଥିବାବେଳେ ୧୦,୯୧୬ଟି ଆବେଦନ ବର୍ତ୍ତମାନ ପ୍ରକ୍ରିୟାଧୀନ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୀଷଣ ଗରମ ଓ ଗୁଳୁଗୁଳିରେ...

ବିନା କୌଣସି ମେସେଜ୍ କି ପ୍ରଚାରରେ, ସକାଳୁ ସକାଳୁ ବିଦ୍ୟୁତ କାଟ୍ ହେଉଥିବା ଅଭିଯୋଗ କରୁଛନ୍ତି ଲୋକେ । ବୃଦ୍ଧ ଓ ଶିଶୁ, ସମସ୍ତେ ସନ୍ତୁଳି ହେଉଛନ୍ତି । ଖାଲି କେନ୍ଦ୍ରାପଡ଼ା କାହିଁକି, ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାର ପ୍ରମୁଖ ସହର ଓ ଉପକଣ୍ଠ ଅଞ୍ଚଳରେ ବି ହନ୍ତସନ୍ତ କରୁଛି ବିଦ୍ୟୁତକାଟ୍ । ଗାଁ ଗହଳି କଥା ତ ନକହିବା ଭଲ । କେଉଁଠି ଘଣ୍ଟା ଘଣ୍ଟା ଧରି ବିଜୁଳି ଆସୁନି, ଆଉ କେଉଁଠି ଲୋ ଭୋଲଟେଜରେ ଫ୍ୟାନ୍ ବୁଲୁନି, ଏସି ଚାଲୁନି । ଖୋର୍ଦ୍ଧା କଳାପଥର ସେକ୍ସନ ଅଂଚଳରେ ଗତକାଲି ୬ ଘଣ୍ଟା ବିଦ୍ୟୁତ ନଥିବା ଦେଖିବାକୁ ମିଳିଥିଲା । ଏଠି ପ୍ରଶ୍ନ ଉଠୁଛି, ଲୋକେ ନାହିଁ ନଥିବା ସମସ୍ୟା ଭୋଗୁଥିଲେ ବି କାହିଁକି ନିଦାବିଷ୍ଟ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ବିତରଣ କମ୍ପାନି ଉପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ ? କାହିଁକି ବନ୍ଦ ହେଉନି ଅଘୋଷିତ ବିଦ୍ୟୁତ୍ କାଟ୍ ସାରା ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ତାତି । ପଶ୍ଚିମ ଓଡ଼ିଶାରେ କଲବଲ କରୁଛି ତାତି । ଝାରସୁଗୁଡ଼ା ପୁଣିଥରେ ଉତ୍ତପ୍ତ ସହର ହୋଇଛି । ଝାରସୁଗୁଡ଼ାରେ ୪୪ ଦଶମିକ ୮ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ହୀରାକୁଦରେ ମଧ ୪୪ ଡିଗ୍ରି ଛୁଇଁଛି ପାରଦ । ସେହିପରି ୪୦ ଡିଗ୍ରି ଉପରେ ରହିଛି ୧୮ ସହର । ସମ୍ବଲପୁରରେ ୪୩.୬ ଡିଗ୍ରି, ଅନୁଗୁଳରେ ୪୩.୬ ଡିଗ୍ରି, ବୌଦ୍ଧ ଏବଂ ତାଳଚେରରେ ୪୩ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ସୋନପୁର, ଟିଟିଲାଗଡ଼ ଓ ବଲାଙ୍ଗୀର ଆଦି ସହରର ତାମପାତ୍ରା ୪୨ ଡିଗ୍ରି ଉପରେ ଥିବା ବେଳେ ରାଜଧାନୀରେ ତାତି ୪୦ ଡିଗ୍ରି ଅତିକ୍ରମ କରିଛି । ଭୁବନେଶ୍ୱରରେ ୪୦ ଦଶମିକ ୧ ଡିଗ୍ରି ପାରଦ ରେକର୍ଡ ହୋଇଛି । ସେପଟେ ଏବେ ତାତିରୁ ନିସ୍ତାର ମିଳିବ ନାହିଁ । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ହିଟୱେଭ ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିଛି । ଆସନ୍ତାକାଲି ହିଟୱେଭ ଓ ଗୁଳୁଗୁଳି ନେଇ ଆସନ୍ତାକାଲି ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୧ ତାରିଖ ପାଇଁ ୧୮ ଜିଲ୍ଲାକୁ ୟୋଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୨ ତାରିଖ ୧୯ ଜିଲ୍ଲା ପାଇଁ ୟୋଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏବଂ ୨୩ ତାରିଖ ପାଇଁ ୨୫ ଜିଲ୍ଲାକୁ ୟୋଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଭାଗ । ବିଶେଷକରି ପଶ୍ଚିମ ଓଡ଼ିଶା ପାଇଁ ହିଟୱେଭ ଜାରି ହୋଇଥିବା ବେଳେ ଉପକୂଳ ଜିଲ୍ଲାଗୁଡିକ ପାଇଁ ଗୁଳୁଗୁଳୁ ନେଇ ସତର୍କତା ଜାରି ହୋଇଛି ।

### ଭିଜିଲାନ୍ସ ଜାଲରେ ଆର...

ଏହି ଦୁଇଟି ଫାର୍ମ ହାଉସ୍‌ରେ ଆମ୍ବ, ନଡ଼ିଆ ଓ ପାମ୍ ଗଛ ଲାଗିଛି। ଏହି ସମସ୍ତ ଘର ଓ ପ୍ଲଟ୍ ସହିତ ଫାର୍ମ ହାଉସ୍ ଏବଂ ମାର୍କେଟ କଂପ୍ଲେକ୍ସର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି। ତାଙ୍କର ଆହୁରି ସଂପତ୍ତି ରହିଥିବା ଭିଜିଲାନ୍ସ ସନ୍ଦେହ କରୁଥିବା ବେଳେ ଖୋଳତାଡ଼ ଜାରି ରହିଛି। ଭୁବନେଶ୍ୱର ଶବର ୧୯୯୯ ମସିହାରେ ୬୦୦୦ ଟଙ୍କାରେ ତାଙ୍କର ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୯ ଜୁଲାଇ ୧ ତାରିଖରେ କୋରାପୁଟ ଆର ଆଣ୍ଡ ବି ଡିଭିଜନ ଅଧୀନ ସୁନାବେଡ଼ା ସେକ୍ସନରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ୨୦୦୩ ମସିହା ପର୍ଯ୍ୟନ୍ତ ରହିଥିଲେ। ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ସେ ନବରଙ୍ଗପୁର ଆର ଆଣ୍ଡ ବି ସେକ୍ସନରେ କାର୍ଯ୍ୟ କରିଥିଲେ। ୨୦୦୭ ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସହାକରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ସେହି ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ ଦୁଇରେ ଅବସ୍ଥାପିତ ହୋଇଥିଲେ। ପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନରେ ନିଯୁକ୍ତ ହୋଇଥିଲେ। ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ ଓ ଧର୍ମଗଡ଼ ଆର ଆଣ୍ଡ ବି ସବ୍-ଡିଭିଜନରେ କାର୍ଯ୍ୟ ଜାରି ରଖିଥିଲେ। ଏବେ ସେ ସେଠାରେ କାର୍ଯ୍ୟରତ ଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇ ଆସୁଛନ୍ତି।

### ଆଜି ବନ୍ଦ ରହିବ...

ସାଧାରଣ ଲୋକ ଓ ଗୁରୁତର ରୋଗୀ ଯେଭଳି ହଇରାଣ ନହେବ ସେଥିପାଇଁ ୭ସୂତ୍ରୀ ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସବୁ ଡ୍ରଗ୍ସ ଇନ୍ସପେକ୍ଟର ଓ ସହକାରୀ ଡ୍ରଗ୍ସ ନିୟନ୍ତ୍ରକମାନଙ୍କୁ ସୋମବାର ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ସାତ ସୂତ୍ରୀ ଜରୁରୀକାଳୀନ ନିର୍ଦ୍ଦେଶାବଳୀକୁ ଅନୁପାଳନ ନିମନ୍ତେ କୁହାଯାଇଛି । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନା ଏବଂ କ୍ଲିନିକାଲ ପ୍ରତିଷ୍ଠାନ ସହିତ ଜଡ଼ିତ ଥିବା ୨୪ଘଣ୍ଟିଆ ଇନହାଉସ ଫାର୍ମାସି ଓ ମେଡିସିନ ଷ୍ଟୋରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବାକୁ କୁହାଯାଇଛି। ଜନସାଧାରଣଙ୍କ ଅଧିକ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦୋକାନଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଅତିରିକ୍ତ କର୍ମଚାରୀ ନିୟୋଜିତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସମସ୍ତ ଅଧିକାରୀ ନିଜ ନିଜ କ୍ଷେତ୍ରରେ ଜୀବନ ରକ୍ଷାକାରୀ ଓ ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ଉପରେ ତୀକ୍ଷ୍ଣ ନଜର ରଖିବେ। ଆବଶ୍ୟକ ପଡ଼ିଲେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କେତେକ ନିର୍ଦ୍ଦିଷ୍ଟ କେମିଷ୍ଟ ଦୋକାନ ଖୋଲିବା ଓ ସେଗୁଡ଼ିକର ସୁରୁଖୁରୁରେ ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। କେବଳ ସେତିକି ନୁହେଁ, ବନ୍ଦ ପୂର୍ବରୁ ଯେପରି ଖୁଚୁରା ବ୍ୟବସାୟୀଙ୍କ ପାଖରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରହିବ, ସେଥିପାଇଁ ହୋଲସେଲର ଓ ବିତରକମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ କେମିଷ୍ଟ ବିକ୍ରେତା ସଂଘ ସହିତ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି । ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, ଆଜମା,ହୃଦରୋଗ, କର୍କଟ ଭଳି ଗୁରୁତର ରୋଗରେ ପୀଡ଼ିତ ଥିବା ରୋଗୀମାନଙ୍କୁ ଦୃଷ୍ଟିରେ ରଖି ଦୂରଦୂରାନ୍ତ ଅଂଚଳର କେମିଷ୍ଟମାନଙ୍କୁ ଆଗୁଆ ଔଷଧ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଔଷଧ ଯୋଗାଣରେ ଯଦି କୌଣସି ସମସ୍ୟା ଦେଖାଦିଏ, ତେବେ ସେ ସମ୍ପର୍କରେ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିଅଲଟାଇମ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହି ବନ୍ଦ ଦିନ ଡ୍ରଗସ୍ କଣ୍ଟ୍ରୋଲର ନିର୍ଦ୍ଦେଶାଳୟଙ୍କ ଅଧୀନରେ ରହୁଥିବା କୌଣସି ବି ଅଧିକାରୀ ବିନା ଅନୁମତିରେ ସେମାନଙ୍କ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ଏହି ଔଷଧ ଦୋକାନ ବନ୍ଦ କିଭଳି ପ୍ରଭାବିତ ହେଲା ତା'ର ଏକ ବିସ୍ତୃତ ରିପୋର୍ଟ ମଇ ୨୨ତାରିଖ ସୁଦ୍ଧା ଡ୍ରଗସ୍ କଣ୍ଟ୍ରୋଲର ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଅନଲାଇନ୍ ମେଡିସିନ ବିକ୍ରି ଓ ଇନଷ୍ଟାଣ୍ଟ ମେଡିସିନ ଡେଲିଭରି ପ୍ଲାଟଫର୍ମଗୁଡ଼ିକର ମନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ ଆସନ୍ତାକାଲି ଓଡ଼ିଶା ସମେତ ସମଗ୍ର ଦେଶରେ ମେଡିସିନ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିବ। ଦେଶର ପ୍ରାୟ ୧୨.୪ ଲକ୍ଷ କେମିଷ୍ଟ, ଫାର୍ମାସିଷ୍ଟ ଓ ବିତରକଙ୍କ ପ୍ରତିନିଧିତ୍ୱ କରୁଥିବା ଶୀର୍ଷ ସଂଗଠନ 'ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟସ ଆଣ୍ଡ ଡ୍ରଗିଷ୍ଟସ'ଦେଶବ୍ୟାପୀ ଏହି ବନ୍ଦ ଡାକରା ଦିଆଯାଇଛି। ଓଡ଼ିଶାର 'ଉତ୍କଳ କେମିଷ୍ଟସ ଆଣ୍ଡ ଡ୍ରଗିଷ୍ଟସ ଆସୋସିଏସନ' ଏହାକୁ ସମର୍ଥନ କରିଥିବାରୁ ରାଜ୍ୟର ୩୦ହଜାର ଔଷଧ ଦୋକାନ ଓ ଏହା ଉପରେ ନିର୍ଭରଶୀଳ ଥିବା ପ୍ରାୟ ଅଢ଼େଇ ଲକ୍ଷ ପରିବାରର ଜୀବିକା ପ୍ରତି ବିପଦ ସୃଷ୍ଟି ହୋଇଥିବା କୁହାଯାଉଛି।

### ସାଧାରଣ ଲୋକଙ୍କୁ ପୁଣି ...

ଯଦିଓ ଗତ ସପ୍ତାହରେ ହୋଇଥିବା ୩ ଟଙ୍କାର ବୃଦ୍ଧି ଯୋଗୁଁ କମ୍ପାନିଗୁଡ଼ିକର କ୍ଷତି ପ୍ରାୟ ୨୫ ପ୍ରତିଶତ ହ୍ରାସ ପାଇଥିଲା, ତଥାପି ଉତ୍ପାଦନ ଖର୍ଚ୍ଚ ଏବଂ ବିକ୍ରି ମୂଲ୍ୟ ମଧ୍ୟରେ ଥିବା ବଡ଼ ବ୍ୟବଧାନକୁ ସନ୍ତୁଳିତ କରିବା ପାଇଁ ଏହି ସାମ୍ପ୍ରତିକ ମୂଲ୍ୟ ବୃଦ୍ଧି କରାଯାଇଛି । ଆଉ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ବିଶ୍ୱ ସଙ୍କଟ ଶୀଘ୍ର ଠିକ୍ ନହୁଏ, ତେବେ ଆଗାମୀ ଦିନରେ କିସ୍ତି ଅନୁସାରେ ଏଭଳି ଆହୁରି ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ। ସୂଚନା ଅନୁସାରେ,ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ୯୭.୭୭ ଟଙ୍କାରୁ ବଢ଼ି ୯୮.୬୪ ଟଙ୍କା ହୋଇଥିବା ବେଳେ କୋଲକାତାରେ ସବୁଠାରୁ ଅଧିକ ଅର୍ଥାତ୍ ୯୬ ପଇସା ମୂଲ୍ୟ ବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଇନ୍ଧନ ଦରରେ ମୋଟ ପ୍ରାୟ ୪ ଟଙ୍କାର ଏହି ବୃଦ୍ଧି ଯୋଗୁଁ ଦେଶର ମାଲ୍ ପରିବହନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହେବ। ଡିଜେଲର ମୂଲ୍ୟ ବୃଦ୍ଧି ହେବା ଦ୍ୱାରା ଦେଶବ୍ୟାପୀ ଅତ୍ୟାବଶ୍ୟକ ସାମଗ୍ରୀ, ପନିପରିବା, ଫଳ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷର ପରିବହନ ଖର୍ଚ୍ଚ ବହୁ ପରିମାଣରେ ବଢ଼ିଯିବ। ଏହାର ସିଧାସଳଖ ପ୍ରଭାବ ଆଗାମୀ ଦିନରେ ଖୁଚୁରା ବ୍ୟବସାୟ ଉପରେ ପଡ଼ିବ । ଯାହା ସାଧାରଣ ଜନତାଙ୍କ ହାଣ୍ଡିଶାଳ ବଜେଟକୁ ସମ୍ପୂର୍ଣ୍ଣ ରୂପେ ବିଗାଡ଼ି ଦେବ ଏଥିରେ କୌଣସି ସନ୍ଦେହ ନାହିଁ।

### ବୁଲା କୁକୁରଙ୍କୁ ନେଇ ...

ଆଧାରରେ ଆଇନସମ୍ମତ ଭାବେ ମାରିବାକୁ ଅଦାଲତ ଅନୁମତି ଦେଇଛନ୍ତି। ଏଥିପାଇଁ କର୍ମଚାରୀଙ୍କ ବିରୋଧରେ ମାମଲା ହେବନି। ସୁପ୍ରିମକୋର୍ଟଙ୍କ ଏଭଳି ରାୟକୁ ନେଇ ପଶୁ ପ୍ରେମୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସର୍ବସାଧାରଣ ସ୍ଥାନରେ ବୁଲା କୁକୁରଙ୍କ ସ୍ଥିତିକୁ ସୁପ୍ରିମକୋର୍ଟ ''ଉଦବେଗଜନକ'' ବୋଲି ଦର୍ଶାଇବା ସହିତ ପୂର୍ବ ନିର୍ଦ୍ଦେଶନାମାକୁ ପାଳନ କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାରଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। କୋର୍ଟ କହିଛନ୍ତି,ବିଶେଷ କରି ଛୋଟ ପିଲାମାନଙ୍କୁ କୁକୁରମାନେ ଆକ୍ରମଣ କରୁଥିବା ଘଟଣାକୁ ଅଦାଲତ କଦାପି ଅଣଦେଖା କରିପାରିବେ ନାହିଁ। ବୁଲା କୁକୁର କାମୁଡ଼ାରେ ଯଦି କେହି ଆହତ ହୁଅନ୍ତି ବା ମୃତ୍ୟୁ ହୁଏ, ତାହେଲେ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିପାରେ। ଏହାଛଡ଼ା ଇଡଇଓ ନିୟମକୁ କଡ଼ାକଡ଼ି ଲାଗୁ, ପ୍ରତ୍ୟେକ ଜିଲ୍ଲାରେ **Animal Birth Control** ବା **ABC** ସେଣ୍ଟର ଅନିବାର୍ଯ୍ୟ ଓ ଆଣ୍ଟି-ରେବିଜ୍ ଔଷଧ ଉପଲବ୍ଧତା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ନଭେମ୍ବରରେ ମାମଲାର ଶୁଣାଣି କରି ଜାତୀୟ ରାଜପଥ ସମେତ ହସ୍ପିଟାଲ, ସ୍କୁଲ ଓ ଶିକ୍ଷାନୁଷ୍ଠାନରୁ ୮ ସପ୍ତାହ ମଧ୍ୟରେ ବୁଲା କୁକୁରମାନଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ । ରାୟ ପ୍ରତ୍ୟାହାର ପାଇଁ ''ଆନିମଲ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ'' ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲା । ହେଲେ କୌଣସି ଯଥାର୍ଥ କାରଣ ଦର୍ଶାଇ ପାରିନଥିବାରୁ ନିଜ ନିଷ୍ପତ୍ତିକୁ ରିପିଟ୍ କରିଛନ୍ତି ସୁପ୍ରିମକୋର୍ଟ।

ବୁଧବାର, ମଇ ୨୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୧୯/୫ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ତେଶିଙ୍ଗା ଗ୍ରାମ ପଞ୍ଚାୟତ ଅଫିସ, ଭଣ୍ଡାରୀପୋଖରୀ , ଭଦ୍ରକ ଠାରେ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ସ୍ଥାପନ ଏବଂ କାର୍ଯ୍ୟ ଏବଂ ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନଗତ ସେବା, ପ୍ରାଧିକରଣ ଆଇନ, ୧୯୮୭ ର ଅଧୀନରେ ଯୋଜନାର ଲାଭ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ସାନ୍ତ୍ୱନା ଦାସ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭଣ୍ଡାରୀପୋଖରୀ, ଆଧାତ୍ମିକା ଦାସ, ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ଭଣ୍ଡାରୀପୋଖରୀ, ତାପସ କୁମାର ମହାନ୍ତି, ସହାୟକ, ପ୍ରତିପକ୍ଷ ଓକିଲ, ଭଦ୍ରକ, ଧନେଶ୍ୱର ଖୁଣ୍ଟିଆ, ତେଶିଙ୍ଗା ସରପଞ୍ଚ , ହରେକୃଷ୍ଣ ନାୟକ, ସ୍ୱେଚ୍ଛାସେବୀ, ଭଦ୍ରକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ୩ ଜଣ ଅକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଆଭାସୀରେ ଖଇରା କୋର୍ଟ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି



ଖଇରା, ୧୯/୫ (ନି.ପ୍ର):ଦୀର୍ଘ ୫ବର୍ଷର ନିରାଶା ପରେ ମଙ୍ଗଳବାର ଖଇରାବାସୀଙ୍କ ମୁହଁରେ ଆଶାର କିରଣ ଉଦଜିବୀତ ହୋଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଅନ୍ୟତମ ବିଚାରପତି ବିଭୁ ପ୍ରସାଦ ରାଉତରାୟ ଆଭାସୀ ମାଧ୍ୟମରେ କୋର୍ଟ ଉଦଘାଟନକୁ ଖଇରାବାସୀ ଉଚ୍ଛ୍ୱସିତ ସ୍ୱାଗତ କରିଛନ୍ତି । ଗ୍ରାମାଞ୍ଚଳର ଏହି କୋର୍ଟ ମାଧ୍ୟମରେ ସାଧାରଣ ଲୋକଙ୍କ ସ୍ୱାର୍ଥ ସାଧନ ହେବା ସହ ସେମାନଙ୍କୁ ନ୍ୟାୟ ମିଳିପାରିବ ବୋଲି ମୁଖ୍ୟବିଚାରପତି ପ୍ରକାଶ କରିଥିଲେ । ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର କୋର୍ଟ ଉଦଘାଟନୀ ଫଳକ ଉନ୍ମୋଚନ କରିଥିଲେ । ରେଜିଷ୍ଟ୍ରାର ଶିତିକଣ୍ଠ ପଣ୍ଡା, ମୁଖ୍ୟପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର, ଖଇରା କୋର୍ଟରେ ନିଯୁକ୍ତ ବିଚାରପତି ଶୁଭଶ୍ରୀ ସୌମ୍ୟକାନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଖଇରା ଓକିଲ ସଂଘର ଆବାହକ ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ପଦ୍ମଲୋଚନ ପଣ୍ଡା, ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ତହସିଲଦାର ଅନୁପ କୁମାର ବେହେରା, ଆଇଆଇସି ଜନ ପଟ୍ଟନାୟକ ତଥା ବରିଷ୍ଠ ଆଇନଜିବୀ ହରେକୃଷ୍ଣ ଦାଶ, ସରକାରୀ ଓକିଲ ଲମ୍ବୋଦର ନାୟକ, ଗୋପାଳ ରାୟ ମହାପାତ୍ର, ପ୍ରହଲ୍ଲାଦ ପତି, ଯୁଧିଷ୍ଠିର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ । କୋର୍ଟ ପ୍ରତିଷ୍ଠାପାଇଁ ଅହରହ ଦାବି କରିଆସୁଥିବା ସଙ୍ଗଠନ ବରିଷ୍ଠ ନାଗରିକ ମଞ୍ଚ , ଜନଜାଗରଣ ମଞ୍ଚ, ପ୍ରତିଭା ପରିବାର, ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ଜିଲା ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୨୦୨୧ ମସିହା ରେ ଖଇରାରେ କୋର୍ଟ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୧୯/୫ (ନି.ପ୍ର): ବେତନଟୀ ପୁଲିସ ପକ୍ଷରୁ ମଙ୍ଗଳବାର ଏକ ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ କରି ମାମଲା ରୁଜୁ କରାଯାଇଛି । ସୂଚନା ମୁତାବକ ବଡ଼ସାହି ଅଞ୍ଚଳରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ବେତନଟୀ ଅଭିମୁଖେ ଆସୁଥିବା ବେଳେ ବେତନଟୀ ପୁଲିସ ପେଟ୍ରୋଲିଂଟିମ ବେତନଟୀ -ମାଣତ୍ରୀ ରାସ୍ତାର ଆମ୍ବଯୋଡ଼ା ଠାରେ ଚଢ଼ାଉକରି ଜବତ କରିଥିଲେ । ଜବତ ବାଲି ବୋଝେଇ ଟ୍ରାକ୍ଟରକୁ ଥାନାକୁ ଅଣାଯାଇଥିବା ବେଳେ ଏନେଇ ଏକ ମାମଲା ରୁଜୁ କରାଯାଇଛି ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସାଂଗଠନିକ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୯/୫ (ନି.ପ୍ର): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବାଲେଶ୍ୱର କେନ୍ଦ୍ର ପକ୍ଷରୁ ଏକ ଜରୁରୀ ସାଂଗଠନିକ ବୈଠକ ସଂଘର ଆବାହକ ମହମ୍ମଦ ଇସଲାମଙ୍କ ଆବାହତ୍ୱରେ ବୈରାମ ନଗର ସ୍ଥିତ ଅରୁଣ ଦେଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଶିଷ୍ଟ ଗାନ୍ଧୀବାଦୀ ଚକ୍ରଧର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ଆଲୋଚ୍ୟ ବିଷୟବସ୍ତୁ ତଥା ଏଜେଣ୍ଡା ଉପରେ ଆଲୋଚନା ଓ ସିଦ୍ଧାନ୍ତ ଉପସ୍ଥିତ ସଭ୍ୟ /ସଭ୍ୟାଙ୍କ ଅନୁମୋଦନକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ମାସର କେଉଁ ତାରିଖରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ବୈଠକ ଅନୁଷ୍ଠିତ ହେବ ଓ ଏହା ସର୍ବସମ୍ମତିକ୍ରମେ ପ୍ରତ୍ୟେକ ମାସ ଦ୍ୱିତୀୟ ଶନିବାର ୫ ଘଟିକାରେ ହେବ ବୋଲି ସ୍ଥିର ହୋଇଥିଲା। ସମସ୍ତେ ଦେଉଥିବା ଚାନ୍ଦା ବାବଦକୁ ଏକ ଦେୟ ରସିଦ୍ ବହି ପ୍ରିଣ୍ଟ୍ ହେବ। ତାହା ୫୦୦ ଟି। ଶାନ୍ତି ପ୍ରତିଷ୍ଠାନର ସଦସ୍ୟ/ସଦସ୍ୟା ସେମାନଙ୍କର ମାସିକ ଦେୟ ଟ୫୦ଙ୍କା ପ୍ରଦାନ କରିବା ପୂର୍ବନିଷ୍ପତ୍ତିକୁ ଦୃଢ଼ୀକରଣ କରାଯାଇଥିଲା ଓ ବାର୍ଷିକ ଏକକାଳୀନ ପ୍ରଦାନ କଲେ ଟ୫୦୦ଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଗଲା। ଏହି ପ୍ରତିଷ୍ଠାନର ଏକ ୨୧ ଜଣିଆ କମିଟି ଗଠନ ପାଇଁ ପ୍ରସ୍ତାବ ରଖାଯାଇଥିଲା। ଏହି ପଦପଦବୀ ପାଇଁ ଅନ୍ୟୁନ ୨ଜଣଙ୍କ ନାମ ମନୋନୟନ କରି ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅନୁମୋଦନ ପାଇଁ ପ୍ରେରଣ କରିବା ନିମନ୍ତେ ଆବଶ୍ୟକ ଥିବାରୁ ସେ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସଭାପତିତ୍ୱ କରୁଥିବା ଚକ୍ରଧର ଦାସ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ବିଚାରଧାରା ଓ ଆଦର୍ଶରେ ସେ ଅନୁପ୍ରାଣିତ ଓ ସଂଗଠନ ମଧ୍ୟ କାର୍ଯ୍ୟ କରିଆସୁଛି ତଥା ଏହା ସମାଜରେ ବିକାଶର ବାର୍ତ୍ତା ଦେଉଛି ବୋଲି ମତ ପ୍ରକାଶ କରିଥିଲେ। ତତ୍‌ପରେ ବରିଷ୍ଠ ଗାନ୍ଧୀବାଦୀ ସୁରେନ୍ଦ୍ର ନାଥ ପଣ୍ଡା ଏହି କେନ୍ଦ୍ର ସମାଜର ସଂସ୍କାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାପାଇଁ ମତ ଦେଇଥିଲେ। ସମାଜସେବୀ ଚିନ୍ମୟ ବିଶ୍ୱାଳ ଆମର ବେଶଭୂଷା, ବ୍ୟବହାର ଏବଂ ସମାଜସେବା ଗାନ୍ଧୀଙ୍କ ବିଚାରଧାରା ଆଧାରରେ କରି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେବା ସହିତ ପ୍ରତ୍ୟେକ ଗ୍ରାମମାନଙ୍କରେ ଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ତତ୍‌ସହିତ ସଂଗଠନର ମଜବୁତ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଂଗଠନର ଆୟବ୍ୟୟ କବିତାରାଣି ଦାସ ଉପସ୍ଥାପନ କରିଥିଲେ। ଏଥିସହିତ ଉପସ୍ଥିତ ସମସ୍ତ ଗାନ୍ଧୀପ୍ରେମୀ ବେଣୁଧର ଦାସ, ତୁଷାର କାନ୍ତି ମହାପାତ୍ର, ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପଣ୍ଡା, ସକିଲା ବାନୋ, ସେକ୍ ସାଜିଦ୍ ଅଲ୍ଲୀ, ସନ୍ତୋଷ ଦାସ, ଅଜୟ ବାରିକ୍, ପ୍ରତାପ, ଶାନ୍ତି ବିସି, ଲମ୍ବୋଧର ପ୍ରଧାନ ପ୍ରମୁଖ ସେମାନଙ୍କ ମତବ୍ୟକ୍ତ କରିବା ସହ ପ୍ରତିଷ୍ଠାନର ଅନ୍ୟତମ ଆବାହକ ଜିତେନ୍ଦ୍ର ଉପାଧ୍ୟାୟ ଧନ୍ୟବାଦ ପ୍ରଦାନ କରିଥିଲେ ଓ ପ୍ରତାପ ସିଂ ସଭାସାଙ୍ଗ କରିଥିଲେ।

# ଜୁରିଆପାଟଣାଠାରେ ରାତ୍ରୀକାଳିନ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ନୀଳଗିରି, ୧୯/୫ (ନି.ପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମରେ ଏକଦିବସୀୟ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ସୀମା ସୁରକ୍ଷାବଳର ଇନ୍ସପେକ୍ଟର ଯୋଗେଶ୍ୱର ବେହେରା ଯୋଗଦେଇ ଶୁଭଉଦ୍ଘାଟନ କରିଥିଲେ।ଏଥିରେ ମୋଟ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କେଶରୀପୁର ଏବଂ ଦାଶରଥିପୁର



ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଦାଶରଥିପୁର ନିର୍ଦ୍ଧାରିତ ୮ଓଭରରେ ୫୫ ରନ ସଂଗ୍ରହ କରିଥିଲା।ଏହାର ଜବାବରେ କେଶରୀପୁର ୭ଓଭରରେ ୫୬ ରନ କରି ଚାମ୍ପିଅନ ହୋଇଥିଲା। ଏହି ରାତ୍ରି କାଳୀନ ମ୍ୟାଚକୁ ତପନ ମଲ୍ଲିକ, ମେଣ୍ଡିସ ମଲ୍ଲିକ, ଶୁକାନ୍ତ ଦୀସ, ଆକାଶ ମଲ୍ଲିକ, ବିଶୁ ମଲ୍ଲିକ, ପପୁ ମଲ୍ଲିକ, ନିହାର ମଲ୍ଲିକ, ଜିତୁ ମଲ୍ଲିକ, ପଙ୍କଜ ମଲ୍ଲିକ, ମହେଶ ମଲ୍ଲିକ, ଜଗା ମଲ୍ଲିକ, ବଳିଆ ମଲ୍ଲିକ, ସନ୍ଦୀପ ମଲ୍ଲିକ, ଶନି ମଲ୍ଲିକ, ଗୌରା ମଲ୍ଲିକ, ବାପି ମଲ୍ଲିକ, ବବୁଲ ମଲ୍ଲିକ, ସନ୍ତୁ ମଲ୍ଲିକ, ମୁକେଶ ମଲ୍ଲିକ, ବିରେନ୍ଦ୍ରଦାଶ, ଲୋକନାଥ ସ, ସହଯୋଗ କରିଥିଲେ।

# ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ ସାଉଁରି ମାଙ୍କିଡ଼ିଆ

ଉଦଳା, ୧୯/୫ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଜେ.ଏସ.ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହି ସ୍ଥିତ ମାଙ୍କିଡ଼ିଆ କଲୋନିର ଦୃଶ୍ୟ । ଏହି କଲୋନିରେ ବସବାସ କରୁଥିବା ବାବୁଲି ମାଙ୍କିଡ଼ିଆଙ୍କ ୧୫ ବର୍ଷ ବୟସର କନ୍ୟା ସାଉଁରି ମାଙ୍କିଡ଼ିଆ ଏ ପର୍ଯ୍ୟନ୍ତ ବିଦ୍ୟାଳୟ ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ ସାଉଁରି ଅଙ୍ଗନୱାଡ଼ି ପାଠ ସାରିବା ପରେ ଆଦୌ ବିଦ୍ୟାଳୟ ଯାଇ ନାହାଁନ୍ତି । କିନ୍ତୁ ବିଦ୍ୟାଳୟ ଖାତାରେ ସାଉଁରିଙ୍କ ନାମ ଗଡ଼ିଚାଲିଥିବା କଥା ଶୁଣିବାକୁ ମିଳୁଛି । ଏହିଭଳି ବହୁ ପିଲା ଓ ଅବିଭାବକଙ୍କ ମାନଙ୍କ ଅଜ୍ଞାତରେ ବିଦ୍ୟାଳୟ ଖାତାରେ ନାମ ଗଡ଼ିଚାଲିବା ସହ ସେମାନଙ୍କ ନାମରେ ଆସୁଥିବା ମଧ୍ୟାହ୍ନ ଭୋଜନ, ପୋଷାକ ଇତ୍ୟାଦି ସରକାରୀ ବାବୁ ମାନେ ଚଳୁ କରିବାରେ ବ୍ୟସ୍ତ ଅଛନ୍ତି । ଏହା କପ୍ତିପଦା ଉପଖଣ୍ଡରେ ଏକ ନିତି ଦିନିଆଁ ଘଟଣାରେ ପରିଣତ ହୋଉଥିବାର ଚର୍ଚ୍ଚା ହେଉଛି । ତେବେ ସାଉଁରିଙ୍କ କ୍ଷେତ୍ରରେ କଣ ଘଟିଛି ତାହା ତଦନ୍ତ ପରେ ଜଣାପଡ଼ିବ । ତାଛଡ଼ା ସାଉଁରିଙ୍କ ଆଧାର କାର୍ଡ଼ ନଥିବାର କଥା ପରିବାରର ଲୋକେ କହିଛନ୍ତି । ଏଥିପାଇଁ ତାଙ୍କୁ ବହୁ ଅସୁବିଧାର



ସମ୍ମୁଖିନ ହେବାକୁ ପଡୁଛି । ଆଧାରକାର୍ଡ଼ ପାଇଁ ବାରମ୍ବାର ଫଟୋ ଉଠାଉଥିଲେ ମଧ ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକଙ୍କୁ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଏହି ଜନଜାତି ଲୋକଙ୍କର ଉନ୍ନତି ପାଇଁ ସତର୍କ ନଜର ରଖିଛି ବୋଲି ନିୟମିତ ଢ଼ୋଲ ପିଟିଚାଲିଛି । ଏହା ସତ୍ୱେ ସାଉଁରିଙ୍କ ପରି ମାଙ୍କିଡ଼ିଆ ଜନଜାତିର ବହୁସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# ଏନ୍‌ଡିପିଏସ୍ ମାମଲାରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା, ୧୯/୫ (ନି.ପ୍ର): ବେଗୁନିଆ ପୁଲିସ ଏକ ଏନ୍‌ଡିପିଏସ୍ ମାମଲାର ସଫଳ ଚିହ୍ନଟ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲା ବେଗୁନିଆ ଥାନା କେସ୍ ନଂ-୨୧୦ ତାରିଖ ୧୯.୦୫.୨୦୨୬, ଧାରା ୨୧(ବି) ଏନ୍‌ଡିପିଏସ୍ ଆଇନ ଅନୁସାରେ ରୁଜୁ କରାଯାଇଛି। ଶ୍ରୀ ବିବେକାନନ୍ଦ ଶର୍ମା, ଆଇପିଏସ୍, ଏସ୍‌ପି ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଶ୍ରୀ ନିହାର ରଞ୍ଜନ ପ୍ରଧାନ (ଓପିଏସ୍-୧), ଆଇ/ସି ଏସ୍‌ଡିପିଓ ଖୋର୍ଦ୍ଧା ଓ ଶ୍ରୀ କାହ୍ନୁ ଚରଣ ସ୍ୱାଇଁ, ଆଇଆଇସି ବେଗୁନିଆ ଥାନାଙ୍କ ତତ୍ତ୍ୱାବଧାନରେ ଏକ ବିଶେଷ ଚଢ଼ାଉ ଦଳ ଗଠନ କରାଯାଇଥିଲା। ଏସ୍‌ଆଇ ଉଷା ରାଣୀ ଦାଶଙ୍କ ନେତୃତ୍ୱରେ ଏଏସ୍‌ଆଇ ମଙ୍ଗୁଳି ବେହେରା, ସି/୩୨୧ ପବନ ରାଉତରାୟ, ସି/୨୮୩ ପ୍ରଦୀପ କୁମାର ବେହେରା ଏବଂ ସି/୨୪୦ ଶ୍ରୀନିବାସ ବରିକଙ୍କୁ ନେଇ ଗଠିତ ପୁଲିସ ଟିମ୍ ପରିଛଲା ଛକ ନିକଟସ୍ଥ ଏକ କାଜୁ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପୁଲିସ ଜଣେ ପୁରୁଷ ଅଭିଯୁକ୍ତଙ୍କୁ ଧରିବା ସହିତ ତାଙ୍କ ନିକଟରୁ ୩୪.୧୦ ଗ୍ରାମ ବ୍ରାଉନ୍ ସୁଗାର, ନଗଦ ୭୦୦ ଟଙ୍କା, ଏକ ଟିଭିଏସ୍ ଜୁପିଟର ସ୍କୁଟି ନଂ ( OD-02-DA-5180), ଏକ ଭିଭୋ ଠ୩୦ ମୋବାଇଲ ଫୋନ୍ ଓ ଏକ ଆଧାର କାର୍ଡ ଜବତ କରିଥିଲେ। ଅଭିଯୁକ୍ତଙ୍କ ବୟସ୍ ପ୍ରାୟ ୨୬ ବର୍ଷ ଏବଂ ସେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମର ବୋଲି ଜଣାପଡ଼ିଛି। ଏହି ସଫଳ ଚଢ଼ାଉ ଖୋର୍ଦ୍ଧା ପୁଲିସର ମାଦକଦ୍ରବ୍ୟ ବିରୋଧୀ ଅଭିଯାନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି। ମାମଲାର ଅଧିକ ତଦନ୍ତ ଶ୍ରୀ କାହ୍ନୁ ଚରଣ ସ୍ୱାଇଁ, ଆଇଆଇସି ବେଗୁନିଆ ଥାନାଙ୍କ ତତ୍ତ୍ୱାବଧାନରେ ଚାଲିଛି।

## ଗୋପରେ ଭାଗବତ ପାରାୟଣ ଅନୁଷ୍ଠିତ

ନୀଳଗିରି, ୧୯/୫ (ନି.ପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ଭାଗବତ ଟୁଙ୍ଗୀରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଭାବଗତ ପାରାୟଣ ୭ଦିନଧରି ଚାଲିବାକୁ ଥିବା ବେଳେ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅଞ୍ଚଳର କୁନି ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ କଳାକାରମାନଙ୍କୁ ଗୋପ ଭାଗବତ ଟୁଙ୍ଗୀପରିଚାଳନା ପରିଷଦ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। କମିଟିର ସଭାପତି ହରେକୃଷ୍ଣ ରାଉତଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁନୀଲ କୁମାର ବେହେରା, ଉପସଭାପତି ପଞ୍ଚାନନ ଦାସ, ଶ୍ରୀଧର ବେହେରା, ବସନ୍ତ କୁମାର ବେହେରା, ମହେନ୍ଦ୍ର ପରିଡା, ସୁରେନ୍ଦ୍ର ପରିଡା, ଗୌରୀ ପରିଡା, ଭାରତୀ ଜେନା, ଇତିଶ୍ରୀ ପୃଷ୍ଟି, ଉମେଶ ପରିଡା, ବାଇଧର ବାଗ, ଦିବାକର ଦେଉରୀ, ରାଧାରାଣୀ ବାଗ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପେଟ୍ରୋଲ ଡିଜେଲ ସଂକଟ ଓ ଦରବୃଦ୍ଧି ବିରୁଦ୍ଧରେ ସିପିଆଇ(ଏମ) ପକ୍ଷରୁ ପ୍ରତିବାଦ ସଭା

ଭଦ୍ରକ, ୧୯/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ଠାରେ ପିକ୍‌ଅପ୍ ଡ୍ରାଇଭରଙ୍କୁ ଭିଡହତ୍ୟା, ପୁରୀ ଜିଲ୍ଲା ପିପିଲି ରେ ଜଣେ ଯୁବକଙ୍କୁ ମାଛକଟା ପନିକି ରେ ହତ୍ୟା କରି ସର୍ବସାଧାରଣରେ ବୁଲେଟ ଚଢାଇବା, ବାଲିଅନ୍ତାରେ ରେଳ ସୁରକ୍ଷା ବଳ କନେଷ୍ଟବଳ ସୌମ୍ୟ ଙ୍କୁ ଭିଡହତ୍ୟା, ନୟାଗଡ ଜିଲ୍ଲାରେ ମାଙ୍କଡ଼ା ପଥର ଚୋରା ମାଫିଆ ମାନଙ୍କ ଦ୍ୱାରା ଜଣେ ଯୁବକଙ୍କୁ ହତ୍ୟା, କେନ୍ଦ୍ରାପଡା ଜିଲ୍ଲାରେ ଭିଡହତ୍ୟା, ବ୍ରହ୍ମପୁର ସହରରେ ଗତ ୧୮ ତାରିଖ ସଂଧ୍ୟାରେ ଜଣେ ଯୁବକ ଓ ତାଙ୍କ ମହିଳା ସାଥୀ ଙ୍କୁ ନିଷ୍ଠୁର ଆକ୍ରମଣ ଓଡିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୂଚାଉଛି । ଏଥିପାଇଁ ସିପିଆଇ(ଏମ) ପକ୍ଷରୁ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରାଯାଇଛି । ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ ଓ ଋଷ ଭାରତକୁ ପେଟ୍ରୋଲିୟମ ସାମଗ୍ରୀ ଦେବା ପାଇଁ ରାଜି ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଚାପରେ ନରେନ୍ଦ୍ର ମୋଦି ତୈଳ ନକିଣି ଦେଶରେ ଯେଉଁ ତୈଳ ସଂକଟ ସୃଷ୍ଟି କରିଛନ୍ତି ଓ ତୈଳ ଦର ବୃଦ୍ଧି କରିଛନ୍ତି, ତାହାକୁ ସିପିଆଇ(ଏମ) ପକ୍ଷରୁ ପ୍ରତିବାଦ କରାଯାଇଛି । ନରେନ୍ଦ୍ର ମୋଦି ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ବଂଧାପକାଇ ଡୋନାଲ୍ଡ ଟ୍ରମ୍ପ ଙ୍କୁ କାହିଁକି ଅଯଥା ଭୟ କରୁଛନ୍ତି, ସେ ସଂପର୍କରେ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ନରେନ୍ଦ୍ର ମୋଦିଙ୍କ ବିରୁଦ୍ଧରେ ନ୍ୟାୟିକ ତଦନ୍ତ ନିଜଆଡୁ କରିବାକୁ ସିପିଆଇ(ଏମ) ନେତୃତ୍ୱ ଦାବି କରିଛନ୍ତି । ପେଟ୍ରୋଲ ପମ୍ପରେ ତେଲ ନମିଳିବା ଯୋଗୁଁ ଓ ଆମ୍ବୁଲାନ୍ସ ରେ ପେଟ୍ରୋଲ ସରିଯିବା ଯୋଗୁଁ ଓଡିଶାର ୪ ଜଣ ରୋଗୀ ମୃତ୍ୟୁ ବରଣ କରିଛନ୍ତି । ଏହି ରୋଗୀ ମୃତ୍ୟୁ ଘଟଣାରେ ଓଡିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀ ଙ୍କ ଇସ୍ତଫା ସିପିଆଇ(ଏମ) ନେତୃତ୍ୱ ଦାବି କରିଛନ୍ତି । ନିଟ୍ ପରୀକ୍ଷା ରେ ଅନିୟମିତତା ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇ ଏକ ପ୍ରତିବାଦ ସଭା ଭଦ୍ରକ ଷ୍ଟେଟ ବ୍ୟାଙ୍କ ଛକ ଠାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ କାଳନ୍ଦୀ ପାତ୍ର, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ସେକ୍ ସନାଉଲ୍ଲା, ବରିଷ୍ଠ ନେତା ନିରଞ୍ଜନ ପାଣି, ବିଶିଷ୍ଟ ଆଇନଜୀବୀ ଅଶୋକ ନାୟକ, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନେତା ମାଲିକ ସରିଫ୍, ଯୁବନେତା ସେକ୍ ଅବଦୁଲ କାଦ୍ରି ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ନୀତି ଓ ଜନସାଧାରଣଙ୍କ ଉପରେ ହେଉଥିବା ନବ୍ୟଫାଶୀବାଦୀ ଭିଡ ଆକ୍ରମଣ ଓ ଭିଡହତ୍ୟା ବିରୁଦ୍ଧରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବ ବୋଲି ଚେତାବନୀ ଦେଇଥିଲେ ।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଇ.ଏସ.ଆଇ ମେଡିକାଲ କଲେଜ: ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୯/୫ (ନି.ପ୍ର): ଭୁବନେଶ୍ୱରର ଅନ୍ଧାରୁଆଠାରେ ଇ.ଏସ.ଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଗତକାଲି ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ବୃହତ ପ୍ରକଳ୍ପର ସ୍ଥାୟୀ ଭିତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବାବେଳେ, ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇ.ଏସ୍.ଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଂଚମ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ଏବଂ ହିତାଧିକାରୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସ୍ତରର ଅନେକ ବରିଷ୍ଠ ଅଧିକାରୀ ଏଠାରେ ଏକତ୍ରିତ ହୋଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତାଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ପକ୍ଷରୁ ଅତିରିକ୍ତ ଶାସନ ସଚିବ ଶ୍ରୀ ରାଜେଶ କୁମାର ଅଗ୍ରୱାଲ, ଇ.ଏସ୍.ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ. ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ଚନ୍ଦ୍ରଶେଖରପୁର ଇ.ଏସ୍.ଆଇ ହସ୍ପିଟାଲର ସୁପରିଟେଣ୍ଡେଂଟ ଡ. ଅମୀୟ କୁମାର ସାମଲ ପ୍ରମୁଖ ଏମଓୟୁ ସ୍ୱାକ୍ଷର କରିଥିଲା ବେଳେ, ଇ.ଏସ୍.ଆଇ.ସି ପକ୍ଷରୁ ଇଷ୍ଟ ଜୋନର ମେଡିକାଲ କମିଶନର ଡ. ରଚିତା ବିଶ୍ୱାସ, ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟର ଆଂଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ, ରାଜ୍ୟ ମେଡିକାଲ ଅଫିସର ଡ. ଆଭା ତିର୍କୀ ଏବଂ ଏକ୍ସିକ୍ୟୁଟିଭ ଇଞ୍ଜିନିୟର ସନ୍ଦୀପ ଗୋଏଲ ପ୍ରମୁଖ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।

# ଆଇନଜୀବିଙ୍କ ଦେହାନ୍ତରେ ଶୋକ: ବାର ଆସୋସିଏସନ ପକ୍ଷରୁ ଆର୍ଥିକ ସହାୟତା

ବେତନଟୀ, ୧୯/୫ (ନି.ପ୍ର): ବେତନଟୀ ଉପକଣ୍ଠ ଆମ୍ବଯୋଡ଼ା ଗ୍ରାମର ଜନୈକ କାର୍ଯ୍ୟରତ ଆଇନଜୀବୀଙ୍କ ଦେହାନ୍ତରେ ଶୋକପ୍ରକାଶ ପାଇଥିବା ବେଳେ ଏନେଇ ବେତନଟୀ ବାର ଏସୋସିଏସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ମୃତକ ଆଇନଜୀବୀ ଜଣକ ହେଉଛନ୍ତି ଆମ୍ବଯୋଡ଼ା ଗ୍ରାମର ସ୍ୱର୍ଗତ ରମାକାନ୍ତ ବେହେରାଙ୍କ ପୁଅ ପ୍ରଫୁଲ୍ଲ କୁମାର ବେହେରା(୬୮) । ବେତନଟୀ ତହସିଲ ଅଫିସରେ ଦୀର୍ଘବର୍ଷ ଧରି ଓକିଲାତି କରିଆସୁଥିବା ଶ୍ରୀଯୁକ୍ତବେହେରା କିଛିମାସ ହେବ ସ୍ୱାସ୍ଥ୍ୟଗତ କାରଣରୁ ବିଶେଷ ବାହାରକୁ ବାହାରୁନଥିବା ବେଳେ ଅଧିକାଂଶ ସମୟ ଘରେ ରହୁଥିଲେ । ସୋମବାର ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଥିବା ବେଳେ ଖବରପାଇ ବେତନଟୀ ବାର ଏସୋସିଏସନ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରବୀର କୁମାର ବାରିକ, ରଣଜିତ ଗନ୍ତାୟତ ଏବଂ ସଞ୍ଜୟ ପାତ୍ର ପ୍ରମୁଖ ଆମ୍ବଯୋଡ଼ାସ୍ଥିତ ବାସଭ୍ବନରେ ପହଞ୍ଚି ଶେଷଦର୍ଶନ କରିବା ପୂର୍ବକ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଆଇନଜୀବୀ ପ୍ରଫୁଲ୍ଲ ବେହେରାଙ୍କ ବିୟୋଗରେ ବେତନଟୀ ଜେଏମଏଫସି କୋର୍ଟରେ ଦିବସର ପ୍ରଥମାଂଶରେ ଆଇନଜୀବୀ ମାନେ କାମ ବନ୍ଦ ରଖିବା ସହିତ ଶୋକସଭାର ଆୟୋଜନ ପୂର୍ବକ ସ୍ମୃତିଚାରଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida